بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 10

ସମ୍ପାଦକ: କମୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ୍

ସାପ୍ତାହିକ ବଦର୍ କାଦିଆନ

Weekly BADAR Qadian Odia

ସଂଖ୍ୟା: 43-44

ବାର୍ଷିକ ଦେୟ : 600/-

30 ରବିଉସ୍ ସାନି, 07 ଜୁମାଦିଉଲ୍ ଅୱଲ୍, 1447 ହି.କ, 23-30 ଇଖା 1404 ହି.ଶ,

23-30 October 2025 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

نَزَّلَ عَلَیۡکَ الۡکِتٰبَ بِالۡحَقِّ مُصَدِّقًا لِّمَا بَیۡنَ یَدَیۡہِ وَاَنۡزَلَ التَّوۡرٰىۃَ وَالۡاِنۡجِیۡلَ ○

(ଆଲେ ଇମ୍ରାନ୍: 04)

**ଅନୁବାଦ:** ସେ ସତ୍ୟ ଉପରେ ଆଧାରିତ ଏହିଁ ଗ୍ରନ୍ଥକୁ ତୁମ୍ଭ ପ୍ରତି ଅବତୀର୍ଣ୍ଣ କରିଛନ୍ତି ଯାହା ଏହାର ପୂର୍ବବର୍ତ୍ତୀ ବାଣୀକୁ ପ୍ରତିପାଦିତ କରେ ଏବଂ ସେ ଲୋକମାନଙ୍କୁ ସତ୍‌ପଥ ପ୍ରଦର୍ଶିତ କରିବା ପାଇଁ ଏଥି ପୂର୍ବରୁ ତୌରାତ୍ ଏବଂ ଇଞ୍ଜିଲ୍ ଅବତୀର୍ଣ୍ଣ କରିଥିଲେ ।

## ଅହମଦିୟା ଖବର

**ଅଲହମଦୁ ଲିଲ୍ଲାଃ** ! ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । ଆମିନ୍ ।

## ଆଁହଜରତ ସ.ଅଙ୍କ ବାଣୀ

### ହ. ମିକ୍‌ଦାଦ୍ ବିନ୍ ଅସ୍‌ୱଦ୍‌ଙ୍କ ମହାନ୍ କୃତିତ୍ୱ ।

**(2227)** ହ. ତାରିକ୍ ବିନ୍ ଶହାବ୍ ର.ଅ ବର୍ଣ୍ଣନା କରନ୍ତି ଯେ, ସେ ହ. ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର.ଅଙ୍କୁ ଏହା କହୁଥିବାର ଶୁଣିଲେ ଯେ, ହ. ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର.ଅ ମିକ୍‌ଦାଦ୍ ବିନ୍ ଅସ୍‌ୱଦ୍ ର.ଅଙ୍କ ଏପରି ଏକ କୃତିତ୍ୱ ଦେଖିଲେ ଯେ, ଏହି କୃତିତ୍ୱରୁ ଦେଖି ମୋର ସମଗ୍ର ଜୀବନରେ କରିଥିବା ପୁଣ୍ୟର କୌଣସି ମୂଲ୍ୟ ନଥିଲା । ମୋର ଏହି ଶେଷ ଇଚ୍ଛା ରହିଛି ଯେ, ଏପରି ହୁଅନ୍ତା କି ଉକ୍ତ କାର୍ଯ୍ୟଟିକୁ ମୁଁ ସମ୍ପାଦନ କରିଦେଇ ଥାଆନ୍ତି । ହୁଜୁର ସ.ଅ ବଦର୍ ଯୁଦ୍ଧ ଅବସରରେ ଅବିଶ୍ୱାସକାରୀମାନଙ୍କ ବିପକ୍ଷରେ (ସହିତ)ଯୁଦ୍ଧ କରିବା ନିମନ୍ତେ ଆମନ୍ତ୍ରିତ କରୁଥିଲେ (ଏବଂ ଆପଣ ସ.ଅ ନିଜର ସାହାବାମାନଙ୍କୁ ପଚାରୁଥିଲେ ଯେ, ସେମାନେ ଯୁଦ୍ଧ କରିବା ନିମନ୍ତେ ପ୍ରସ୍ତୁତ ଅଟନ୍ତି ଅବା ନୁହେଁ ?) ସେତେବେଳେ ମିକ୍‌ଦାଦ୍ ବିନ୍ ଅସ୍‌ୱଦ୍ ର.ଅ ଉଠିଲେ ଏବଂ ହୁଜୁର ସ.ଅଙ୍କ ସେବାରେ ଉପସ୍ଥିତ ହୋଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମ୍ଭମାନେ ଆପଣ ସ.ଅଙ୍କୁ ସେପରି ଉତ୍ତର ଦେବୁ ନାହିଁ ଯେପରି ହ. ମୁସା ଅ.ସଙ୍କ ଜାତି ହ. ମୁସା ଅ.ସଙ୍କୁ କହିଥିଲା । ଅର୍ଥାତ୍ ହ. ମୁସା ଅ.ସଙ୍କ ଜାତି ହ. ମୁସା ଅ.ସଙ୍କୁ କହିଥିଲା ଯେ, ହେ ମୁସା ! ତୁମ୍ଭେ ଓ ତୁମ୍ଭର ଈଶ୍ୱର ଶତ୍ରୁଙ୍କ ସହିତ ଯାଇ ଯୁଦ୍ଧ କରନ୍ତୁ ଆମ୍ଭେମାନେ ଏହିଠାରେ ହିଁ ବସ୍ତି ରହିବୁ । ଆମ୍ଭେମାନେ ଶତ୍ରୁ ସହିତ ମୁକାବିଲା କରିବା ନିମନ୍ତେ ଯିବୁ ନାହିଁ । ବରଂ ଆଁହଜରତ୍ ସ.ଅଙ୍କ ସାହାବାମାନେ ଏହି ଉତ୍ତର ଦେଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମ୍ଭେମାନେ ଆପଣ ସ.ଅଙ୍କ ବାମ ପାର୍ଶ୍ୱରେ ଲଢିବୁ ଏବଂ ଡାହାଣ ପାର୍ଶ୍ୱରେ ଲଢିବୁ, ଆମ୍ଭେମାନେ ଆପଣ ସ.ଅଙ୍କ ଆଗରେ ଲଢିବୁ ଓ ପଛରେ ମଧ୍ୟ ଲଢିବୁ। ଆମ୍ଭେମାନେ ପ୍ରତ୍ୟେକ ସ୍ଥିତିରେ ଆପଣ ସ.ଅଙ୍କୁ ସମର୍ଥନ ଜଣାଇବବୁ ଓ ଆପଣ ସ.ଅଙ୍କୁ ସାହାଯ୍ୟ କରିବୁ । ହୁଜୁର୍ ସ.ଅ ଏତେ ପ୍ରସନ୍ନ ହେଲେ ଯେ, ଆପଣ ସ.ଅଙ୍କ ପବିତ୍ର ମୁଖମଣ୍ଡଳ ଅନନ୍ଦ ଯୋଗୁଁ ବିଭୋର ହୋଇ ଉଠିଲା । **(ବୁଖାରୀ, କିତାବୁଲ୍ ମୁଗାଜି, କିସ୍ସତୁ ଗଜ୍‌ୱା ବଦର୍ ବାବ୍-କୌଲଲ୍ଲାଃ ତାଆଲା, ଇଜ୍ ତସ୍ତଗିସୁନା ରବ୍‌ବକୁମ୍) (ପ୍ରାମାଣ୍ୟ- ହଦିକତୁସ୍ ସାଲିହିନ୍, ହଦିସ୍ ନଂ-୨୨7, ଲେଖକ- ମଲକ୍ ସୈଫୁର୍ ରହ୍‌ମାନ୍ ସାହେବ)**

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

### ସେମାନେ ତ' ଖେଳି ଫେରି ଆସିବେ, କିନ୍ତୁ ମୁଁ ଯେଉଁ କ୍ରିକେଟ୍ ଖେଳୁଛି ତାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ଅବ୍ୟାହତ ରହିବ ।

**ଅସୀମ ଉନ୍ନତି :** ହୁଜୁର ଅ.ସ କହିଲେ, "ବୈକୁଣ୍ଠ ପୁରରେ ମଧ୍ୟ ବିଶ୍ୱାସକାରୀମାନଙ୍କ ନିମନ୍ତେ ଉନ୍ନତି ନିୟତ ହୋଇଥାଏ ଏବଂ ଅବତାରମାନଙ୍କ ନିମନ୍ତେ ମଧ୍ୟ ଉନ୍ନତି ଉଦ୍ଦିଷ୍ଟ ହୋଇଥାଏ । ହେଲେ ଦୁରୁଦ୍ ଶରୀଫ୍ କାହିଁକି ପାଠ କରାଯାଇଥାଏ । ମୋର ତ' ଏହି ଧର୍ମ ମତ ରହିଛି ଯେ, ଉନ୍ନତିର କୌଣସି ସୀମା ନାହିଁ । ତାହା ଅନନ୍ତ ଓ ଅସୀମ ଅଟେ ।"

**ଆଁହଜରତ ସ.ଅଙ୍କ ମହାନ କୃତିତ୍ୱ:**

ହ. ମସିହ୍ ମଉଦ୍ ଅ.ସ କହିଲେ, "ଯୀଶୁଖ୍ରୀଷ୍ଟଙ୍କୁ ତ' ଯେତେ ଆୟୁ ମିଳିଲା ଯେ, ଲୋକମାନେ ତାଙ୍କୁ ଏତେ ଆୟୁଷ ପ୍ରଦାନ କରାଯିବା ନିମନ୍ତେ ଅବ୍ୟର୍ଥ ପ୍ରୟାସ କରି ଥାଆନ୍ତି । ହ. ଇସା (ଯୀଶୁ ଖ୍ରୀଷ୍ଟଙ୍କ)ଙ୍କୁ ଏତେ ଆୟୁ ମିଳିବା ପରେ କେଉଁ ପରିଣାମ ବାହାରିଲା ଯେ, ତାଙ୍କ ପାଇଁ ଦ୍ରୀର୍ଘାୟୁର କାମନା କରାଯିବ ? ସଂସାର ଯୀଶୁଙ୍କ ଉପାସନା କରିବାକୁ ଯାଇ ଯୀଶୁଙ୍କ ଭକ୍ତ ପାଲଟିଗଲା ଏବଂ ନାନା ସ୍ଥାନରେ ସିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା) ବ୍ୟାପୀ ଯାଇଛି । ହଁ ଯଦି କୌଣସି ବ୍ୟକ୍ତି ପକ୍ଷେ ଏତିକି ଆୟୁଷ (ବୟସ) ପ୍ରାପ୍ତ ହେବା ସମ୍ଭବପର ହୁଅନ୍ତା ତେବେ ରସୁଲ୍ କରୀମ୍ ସ.ଅ ଏଥି ପାଇଁ ସର୍ବାଧିକ ଯୋଗ୍ୟ ପ୍ରାର୍ଥୀ ଥିଲେ ଏବଂ ଦୀର୍ଘାୟୁ ପ୍ରାପ୍ତ ହେବାର ଅଧିକାରୀ ହୋଇଥାଆନ୍ତେ । ଏହି ମହାବତାର ସ୍ୱଳ୍ପାୟୁର ଏକ ସଂସାରକୁ ଏକେଶ୍ୱରବାଦଙ୍କ ଉପସାକମାନଙ୍କ ଦ୍ୱାରା ପରିପୂର୍ଣ୍ଣ କରିଦେଲେ ଏବଂ ସେହି ପ୍ରକୃତ ଏକେଶ୍ୱରବାଦୀ ଉପାସକମାନଙ୍କ ମନ ମଧ୍ୟରେ ଈଶ୍ୱରଙ୍କ ପ୍ରେମର ପ୍ରକୃତ ଉତ୍ସାହ ସୃଷ୍ଟି କରିଦେଲେ ।"

**ମୁଁ ଯେଉଁ କ୍ରିକେଟ୍ ଖେଳୁଛି ତାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ଅବ୍ୟାହତ ରହିବ:**

ହୁଜୁର୍ ଅ.ସ କୁହନ୍ତି: "କାଦିୟାନ ସ୍ଥିତ ତାଲିମୁଲ୍ ଇସ୍‌ଲାମ୍ ମାଦ୍ରାସାର ଛାତ୍ରମାନଙ୍କର ଏକ କ୍ରିକେଟ୍ ମ୍ୟାଚ ଥିଲା । କେତେକ ବୟସ୍କ ଲୋକମାନେ ମଧ୍ୟ ପିଲାମାନଙ୍କ ଉତ୍ସାହ ବୃଦ୍ଧି କରିବା ନିମନ୍ତେ ପଡ଼ିଆକୁ ଗଲେ । ପୁଣ୍ୟଶ୍ଳୋକ ହ. ମସିହ ମଉଦ୍ ଅ.ସଙ୍କ ଏକ ପୁତ୍ର ବାଲ୍ୟକଲାରେ ଅତ୍ୟନ୍ତ ସରଳ ତଥା ନିଷ୍କଟ ଶୈଳୀରେ ପଚାରିଲା ଯେ, ପିତାଶ୍ରୀ ! ଆପଣ କାହିଁକି କ୍ରିଟେକ୍ ମ୍ୟାଚ୍ ଦେଖିବାକୁ ଗଲେ ନାହିଁ । ହ. ମସିହ୍ ମଉଦ୍ ଅ.ସ ସେତେବେଳେ ସୁରାଃ ଫାତିହାର ତଫସିର୍ (ବ୍ୟାଖ୍ୟା) ଲେଖିବାରେ ବ୍ୟସ୍ତ ଥିଲେ । ଆପଣ ଅ.ସ ପ୍ରତ୍ୟୁତ୍ତରରେ କହିଲେ: "ପୁତ୍ର ! ସେମାନେ ତ' ଖେଳି ଫେରି ଆସିବେ, କିନ୍ତୁ ମୁଁ ଯେଉଁ କ୍ରିକେଟ୍ ଖେଳୁଛି ତାହା ପ୍ରଳୟ ଦିବସ ପର୍ଯ୍ୟନ୍ତ ଅବ୍ୟାହତ ରହିବ ।" **(ମଲ୍‌ଫୁଜାତ୍, ଭାଗ-2, ପୃ-93, 94, ସଂସ୍କରଣ ବର୍ଷ- 2018 ମସିହା, ସ୍ଥାନ-କାଦିୟାନ୍)**

☆--☆--☆

### ଇସ୍‌ଲାମ୍ ଧର୍ମ ଏହା କୁହେ ଯେ, ମନୁଷ୍ୟକୁ ଚିରକାଳ ଜୀବନ ସକାଶେ ସୃଷ୍ଟି କରାଯାଇଛି ଏବଂ ସାର୍ବକାଳୀନ ଆଧ୍ୟାତ୍ମିକ ଉନ୍ନତିର ମାର୍ଗ ତା' ନିମନ୍ତେ ଉନ୍ମୁକ୍ତ କରାଯାଇଅଛି ।

### ମୃତ୍ୟୁ ପରବର୍ତ୍ତୀ ଜୀବନ ଉପରେ ବିଶ୍ୱାସ ଏପରି ଏକ ପ୍ରସଙ୍ଗ ଯେ, ଏହା ମନୁଷ୍ୟ ମଧ୍ୟରେ ଅଲ୍ଲାଃତାଲାଙ୍କ ଭୟ ଏବଂ ତାହାଙ୍କ ପ୍ରେମ ସୃଷ୍ଟି କରିଥାଏ ଓ ଏହା ମନୁଷ୍ୟର କର୍ମ ସଂଶୋଧନର ଏକ ପ୍ରମୁଖ ମାଧ୍ୟମ ଅଟେ ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ମୁମିନୁନ୍‌ର ଆୟତ୍ ସଂଖ୍ୟା 38 اِنۡ ہِیَ اِلَّا حَیَاتُنَا الدُّنۡیَا نَمُوۡتُ وَنَحۡیَا وَمَا نَحۡنُ بِمَبۡعُوۡثِیۡنَ ۪ۙ ରେ ଅଲ୍ଲାଃତାଲା ଏହା କହିଛନ୍ତି ଯେ, ଅବଜ୍ଞାକାରୀମାନେ ଅବତାରମାନଙ୍କୁ କାହିଁକି ଅସ୍ୱୀକାର କରନ୍ତି ଏହାର ଦ୍ୱିତୀୟ କାରଣ ଏହିକି ଯେ, ଅବଜ୍ଞାକାରୀମାନେ ମୃତ୍ୟୁ ପରବର୍ତ୍ତୀ ଜୀବନର ପ୍ରତ୍ୟାଖ୍ୟାନକାରୀ ଅଟନ୍ତି । ସେହି କାରଣରୁ ସେମାନଙ୍କ ମଧ୍ୟରେ ନିଜ କର୍ମର ଭଲ ମନ୍ଦ ସମ୍ପାଦନ ହେବା ସଂକ୍ରାନ୍ତରେ କେବେ ବି ସଠିକ୍ ଅବବୋଧ ତଥା ସଠିକ୍ ଧାରଣା ସୃଷ୍ଟି ହୋଇ ନଥାଏ । ସେମାନେ ଯେଉଁ ମାର୍ଗରେ ଚାଲନ୍ତି ସେହି ପଥରେ ଚାଲିବା ସମୟରେ ସେମାନେ ନିଜର ଚକ୍ଷୁକୁ ବନ୍ଦ କରି ପଥଗାମୀ ହୁଅନ୍ତି । ସେମାନେ ଏହା ମନେକରନ୍ତି ଯେ, ଆମମାନଙ୍କର କେବଳ ଏତିକି ହିଁ କାର୍ଯ୍ୟ ଯେ, ଆମେମାନେ ଆହାର ସେବନ କରିବୁ ଏବଂ ପାନୀୟ ପଦାର୍ଥ ପାନ କରିବୁ ଓ ନିଜର ଏହି କେଇ ଦିନର ଜୀବନକୁ ଆନନ୍ଦ ଉଲ୍ଲାସ, ମଉଜ୍ ମଜଲିସ, ସୁଖ

## ପୃ-1ରେ ବର୍ଣ୍ଣିତ ତଫ୍‌ସିର୍‌ର ଅବଶିଷ୍ଟାଂଶ....

ସ୍ୱାଚ୍ଛନ୍ଦ୍ୟରେ ଅତିବାହିତ କରିଦେବୁ । ଏହି କାରଣ ଯୋଗୁଁ ସେମାନଙ୍କ ନିକଟକୁ ଯେତେବେଳେ ଈଶ୍ୱରଙ୍କ ବାର୍ତ୍ତାବହମାନେ ଈଶ୍ୱରଙ୍କ ସନ୍ଦେଶ ନେଇ ଆସନ୍ତି ସେତେବେଳେ ସେମାନେ ନିଜର ସେହି ବିଶ୍ୱାସ, ଆସ୍ଥା ଏବଂ କର୍ମରେ ଏକ ମହାନ ପରିବର୍ତ୍ତନ ସୃଷ୍ଟି କରିବାକୁ ଚାହିଁ ଥାଆନ୍ତି ।

ଅତଃ ସେମାନଙ୍କୁ ଏକ ଆଘାତ ଲାଗିଥାଏ ଏବଂ ସେମାନେ ଚିତ୍କାର କରିବା ଆରମ୍ଭ କରିଦିଅନ୍ତି ଯେ, ହେ ଅବତାର! ତୁମେ ଆମମାନଙ୍କୁ ଈଶ୍ୱରଙ୍କ ଶାସ୍ତି ଠାରୁ କ'ଣ ବା ଡରାଉଛ ? ଆମମାନଙ୍କର ତ' ଏହି ବିଶ୍ୱାସ ହିଁ ନାହିଁ ଯେ, ଆମେମାନେ ମୃତ୍ୟୁବରଣ ପରେ ପୁନଃ ଜୀବିତ ହେବୁ । ତେଣୁ ଆମମାନଙ୍କୁ କୌଣସି ଉତ୍ତର ଦେବାର କୌଣସି ଆବଶ୍ୟକତା ନାହିଁ। ଆମେମାନେ ଯେଉଁ କର୍ମ ବି କରିବୁ ତାହା କିଛି ଦିନର ଜୀବନ ନିମନ୍ତେ ହିଁ କରିବୁ ଏବଂ ଆମେମାନେ ନିଜର ହାନୀ ଲାଭକୁ ବୁଝିବା ନିମନ୍ତେ ସକ୍ଷମ ଅଟୁ । ତେଣୁ ତୁମେମାନେ ଆମମାନଙ୍କୁ ଶେଷ ଦିବସର ଶାସ୍ତିରୁ ଭୟଭୀତ (ଡରାଅ) କର ନାହିଁ।

ମୃତ୍ୟୁ ପରବର୍ତ୍ତୀ ଜୀବନ ଉପରେ ବିଶ୍ୱାସ ଏପରି ଏକ ପ୍ରସଙ୍ଗ ଯେ, ଏହା ମନୁଷ୍ୟ ମଧ୍ୟରେ ଅଲ୍ଲାଃତାଲାଙ୍କ ଭୟ ଏବଂ ତାହାଙ୍କ ପ୍ରେମ ସୃଷ୍ଟି କରିଥାଏ ଓ ଏହା ମନୁଷ୍ୟର କର୍ମ ସଂଶୋଧନର ଏକ ପ୍ରମୁଖ ମାଧ୍ୟମ ଅଟେ । ଯଦି ଭବିଷ୍ୟତ ଜୀବନ ବା ମୃତ୍ୟୁ ପରବର୍ତ୍ତୀ ଜୀବନ ଉପରେ ବିଶ୍ୱାସ ରହିଲା ନାହିଁ ତେବେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡ ଏକ ନିରର୍ଥକ ଓ ବାଯ୍ୟ ବସ୍ତୁ ବୋଲି ସ୍ୱୀକାର କରିବାକୁ ପଡ଼ିବ । କେବଳ ସେତିକି ନୁହେଁ ବରଂ ପୁଣ୍ୟ, ଧର୍ମପରାୟଣତାରେ ଉନ୍ନତି ମଧ୍ୟ ଏକ ବାଯ୍ୟ କୃତ୍ୟ ବୋଲି ବିବେଚିତ ହୋଇଥାଏ । କିନ୍ତୁ ଏହି ଧାରଣା ଯେ, ଅଲ୍ଲାଃତାଲା ସୂର୍ଯ୍ୟ, ଚନ୍ଦ୍ର, ତାରକାମାନଙ୍କୁ, ଗ୍ରହ ନକ୍ଷତ୍ରମାନଙ୍କୁ ଏବଂ ଆକାଶ ଏବଂ ପାତାଳ ମଧ୍ୟରେ ଥିବା ସହସ୍ର ସହସ୍ର ବସ୍ତୁ ସୃଷ୍ଟି କରି ସେହି ବସ୍ତୁମାନଙ୍କ ମଧ୍ୟରେ ନିଜର ଶକ୍ତିକୁ ସହସ୍ର ସହସ୍ର ରହସ୍ୟ ଲୁକ୍କାୟିତ କରି ଏପରି ଏକ ମନୁଷ୍ୟକୁ ସୃଷ୍ଟି କଲେ ଯିଏ କିଛି ବର୍ଷର ଜୀବନ ଅତିବାହିତ କରି ସଦା ସର୍ବଦା ପାଇଁ ସମାପ୍ତ ହୋଇଯିବ । ତା' ଜୀବନର କୌଣସି ବିଶେଷ ଲକ୍ଷ୍ୟ ଓ ଅଭିପ୍ରାୟ ହିଁ ନାହିଁ । ଉକ୍ତ ଚିନ୍ତାଧାରାଟି ଏପରି ଏକ ଚିନ୍ତାଧାରା ଯେ, ଏହାକୁ କୌଣସି ବୁଦ୍ଧି ଓ ବିବେକ ସ୍ୱୀକାର କରିପାରିବ ନାହିଁ । ମନୁଷ୍ୟ ନିମନ୍ତେ ଏଭଳି ବ୍ୟାପକ ବ୍ରହ୍ମାଣ୍ଡ ସୃଷ୍ଟି କରିବା ଓ ତା' ଉପରେ ଅର୍ଥାତ୍ ବୁଦ୍ଧି ମାଧ୍ୟମରେ ମନୁଷ୍ୟକୁ ଶାସକ କରିବା ଏହା ସୂଚାଏ ଯେ, ମନୁଷ୍ୟ ନିମନ୍ତେ ଏହି ସୀମିତ ଜୀବନ ବ୍ୟତୀତ ଅନ୍ୟ ଅଭିପ୍ରାୟ ମଧ୍ୟ ନିର୍ଦ୍ଧାରଣ କରାଯାଇଛି। ଇସଲାମ୍ ଧର୍ମ ଏହା କୁହେ ଯେ, ସେହି ଅଭିପ୍ରାୟ ଏହିକି ଯେ, ମନୁଷ୍ୟକୁ ଚିରକାଳ ଜୀବନ ସକାଶେ ସୃଷ୍ଟି କରାଯାଇଛି ଏବଂ ସାର୍ବକାଳୀନ ଆଧ୍ୟାତ୍ମିକ ଉନ୍ନତିର ମାର୍ଗ ତା' ନିମନ୍ତେ ଉନ୍ମୁକ୍ତ କରାଯାଇଅଛି ।

ଅତଏବ୍ ମୃତ୍ୟୁର କେବଳ ଏତିକି ହିଁ ଅର୍ଥ ଯେ, ମନୁଷ୍ୟର ଆତ୍ମା ଶରୀର ମଧ୍ୟରୁ ପୃଥକ୍ ହୋଇଯିବା। କିନ୍ତୁ ଆତ୍ମା ସର୍ବଦା ଅମର ଅଟେ । ଆତ୍ମା ସର୍ବଦା ଜୀବିତ ରହିଥାଏ ଓ ଅଲ୍ଲାଃତାଲାଙ୍କ ସାମୀପ୍ୟତାର ଅସୀମ ସ୍ତର ପ୍ରାପ୍ତ କରି ଚାଲିଥାଏ ।

ହୁଜୁର ର.ଅ କହିଲେ, ସେ ଯାହା ହେଉ ଅବତାରମାନଙ୍କ ପ୍ରତ୍ୟାଖ୍ୟାନର ସବୁଠୁ ବଡ଼ କାରଣ ଏହିକି ଯେ, ମୃତ୍ୟୁ ପରବର୍ତ୍ତୀ ଜୀବନକୁ ଅସ୍ୱୀକାର କରିବା। ଅତଏବ୍ ସୁରାଃ ମୁମିନ୍‌ର ଉକ୍ତ 38 ନଂ ଆୟତ୍‌ରେ ଏହି ପ୍ରସଙ୍ଗ ଆଡ଼କୁ ଇଙ୍ଗିତ କରାଯାଇଛି । **(ତଫ୍‌ସିର୍ କବିର୍, ଭାଗ-6, ପୃ-171, ସଂସ୍କରଣ-2010 ମସିହା)**

☆--☆--☆

## ବିଗତ ସଂଖ୍ୟା 42, ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 09-02-2024 ଅବଶିଷ୍ଟାଂଶ....

ମୋର ଏହି ବିଶ୍ୱାସ ରିହଛି ଯେ, ତୁମ ମନରେ ମଧ୍ୟ ଉକ୍ତ ଅମୂଲ୍ୟ ନିଧି ପ୍ରତି ସଠିକ୍ ମୂଲ୍ୟବୋଧଜନିତ ମର୍ଯ୍ୟାଦା ଥିବ । କିନ୍ତୁ ତଥାପି ମୁଁ ମଧ୍ୟ ଏହାକୁ ନିଜର କର୍ତ୍ତବ୍ୟ ବୋଲି ମନେକରୁଛି ଯେ, ମୁଁ ତୁମକୁ ଜଣାଇ ଦେଉଅଛି ଯେ, ଯେପର୍ଯ୍ୟନ୍ତ ଆମେମାନେ ଜୀବିତ ଥିଲୁ ସେପର୍ଯ୍ୟନ୍ତ ଆମେମାନେ ଉକ୍ତ ଅମାନତ୍ ପ୍ରତି ବିଶ୍ୱାସଘାତକତା ହେବାକୁ ଦେଲୁ ନାହିଁ । ଆମେମାନେ ଉକ୍ତ ଅମାନତ୍‌ର ସୁରକ୍ଷା କରିବାକୁ ଯାଇ ନିଜର ଆଭୂଷଣ ତଥା ଅଳଂକାର ମଧ୍ୟ ବ୍ୟୟ କରିଦେଲୁ । ବର୍ତ୍ତମାନ ଆମେମାନେ ମରିବାକୁ ଲାଗିଲୁଣି ଏବଂ ନଜ ପଛେ ସେହି ଅମାନତ୍ (ସନ୍ତକ) ଛାଡ଼ି ଯାଉଛୁ । ମୁଁ ନିଜର ସମସ୍ତ ପୁତ୍ର, ଭାଇ ଏବଂ ସେମାନଙ୍କର ସନ୍ତାନମାନଙ୍କ ଠାରୁ ଏହି ଆଶା ରଖୁଛି ଯେ, ସେମାନେ ନିଜ ଜୀବନ ଅପେକ୍ଷା ସେହି ମହାପବିତ୍ର ଅମାନତ୍‌ର ସୁରକ୍ଷା କରିବେ ଓ ତହିଁରେ ସେମାନେ କୌଣସି ପ୍ରକାରର ଅବହେଳା ତଥା ତ୍ରୁଟି ବିଚ୍ୟୁତି କରିବେ ନାହିଁ । **(ତଫ୍‌ସିର୍ କବିର୍, ଭାଗ-8, ପୃ-185, ସଂସ୍କରଣ-2004 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଉ ଏକ ସ୍ଥାନରେ ହ. ମୁସ୍‌ଲେହ୍ ମଉଦ୍ ର.ଅ ଉପରୋକ୍ତ ଘଟଣାକୁ ଏହିପରି ବର୍ଣ୍ଣନା କରିଛନ୍ତି ଯେ, ଜଣେ ଅନ୍‌ସାରୀ ଅଧିପତି ଆହତ ହୋଇ ପଡ଼ିଥିଲେ ଏବଂ ତାଙ୍କର ଅବସ୍ଥା ଏପରି ଥିଲା ଯେ, କିଛି ମିନିଟ୍ ମଧ୍ୟରେ ହିଁ ସେ ମୃତ୍ୟୁବରଣ କରିଥାଆନ୍ତା। ତାହାଁ ଚାହୁଁ ଜଣେ ସାହାବି **(ଅବଶିଷ୍ଟାଂଶ....ପୃ-୨ରେ)**

## ଖବରକାଗଜ ସାପ୍ତାହିକ ବଦର୍ ନିଜେ ପଢନ୍ତୁ ଓ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଉତ୍ସାହିତ କରନ୍ତୁ ଓ ସେମାନଙ୍କୁ ଅନୁପ୍ରାଣିତ ମଧ୍ୟ କରନ୍ତୁ ।

ସୟେଦିନା ହଜରତ ଖଲିଫତୁଲ ମସିହିଲ୍ ଖାମିସ୍ ଅୟେଦହୁଲ୍ଲାଃ ବଦର୍‌ର ବେଶେଷ ସଂଖ୍ୟା 2014 ମସିହା ଡିସେମ୍ବର ମାସ ପାଇଁ ନିଜର ସନ୍ଦେଶ ପ୍ରେରଣ କରି କହିଲେ: "ବଦର୍‌ର ସମ୍ପାଦକମଣ୍ଡଳୀମାନଙ୍କୁ ଓ ପାଠକବୃନ୍ଦମାନଙ୍କୁ ଉକ୍ତ କଥା ସର୍ବଦା ମନେରଖିବା ଉଚିତ୍ ଯେ, ଏହି ଖବରକାଗଜ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଆଧ୍ୟାତ୍ମିକ ସଂଶୋଧନ ଏବଂ ଉନ୍ନତି ସକାଶେ ଜାରି କରାଯାଇଥିଲା ଏବଂ ଆମମାନଙ୍କର ଗୁରୁଜନମାନେ ପ୍ରତିକୁଳ ପରିସ୍ଥିତି ସତ୍ତ୍ୱେ ପୂର୍ଣ୍ଣ ସାହସିକତାର ସହିତ ଉକ୍ତ ଖବରକାଗଜକୁ ସର୍ବଦା ଜାରି ରଖିବା ନିମନ୍ତେ ଉଦ୍ୟମ କରିଥିଲେ । ସେହି ଗୁରୁଜନ ଅର୍ଥାତ୍ ପୂର୍ବପୁରୁଷମାନଙ୍କର ଦୁଆ, ପବିତ୍ର ଉଦ୍ୟମଜନିତ କଲ୍ୟାଣ ବଳରେ ଆଜି ପର୍ଯ୍ୟନ୍ତ ଉକ୍ତ ଖବରକାଗଜ ଅବ୍ୟାହତ (ଜାରି) ରହିଛି । ଉକ୍ତ କଥା ସେହି ପ୍ରସଙ୍ଗକୁ ଆଶା କରେ କି ଅଧିକରୁ ଅଧିକ ଅହମଦିମାନେ ଉକ୍ତ ଖବରକାଗଜକୁ ପାଠ କରନ୍ତୁ ଓ ତହିଁରୁ ଉପକୃତ ହୁଅନ୍ତୁ । ଅଲ୍ଲାଃତାଲାଙ୍କ କୃପାରୁ ଭାରତ ଓ ପାକିସ୍ତାନର ଅହମଦିମାନଙ୍କୁ ବିଶେଷ କରି ଅନ୍ୟ ଦେଶରେ ବାସ କରୁଥିବା ଅହମଦିମାନଙ୍କୁ ଉକ୍ତ ଖବରକାଗଜ ଅଧ୍ୟୟନ କରିବା ପ୍ରତି ସାମର୍ଥ୍ୟ ପ୍ରଦାନ କରନ୍ତୁ । ସେହିପରି ଉକ୍ତ ଖବରକାଗଜ ସହିତ ଯେଉଁ କଲ୍ୟାଣ ସଂଶ୍ଳିଷ୍ଟ ଓ ନିହିତ ରହିଛି ତାହାକୁ ସାଉଁଟିବା ନିମନ୍ତେ ଅଲ୍ଲାଃତାଲା ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।"

ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବଙ୍କ ଉକ୍ତ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ଅଧ୍ୟାତ୍ମ ଚକ୍ଷୁ ବର୍ଦ୍ଧକ ଉପଦେଶାବଳୀକୁ ଦୃଷ୍ଟି ସମ୍ମୁଖରେ ରଖି ଜମାଅତ୍ ଅହମଦିୟାର ସଦସ୍ୟବୃନ୍ଦଙ୍କ ସେବାରେ ଅନୁରୋଧ କରାଯାଉଅଛି ଯେ, ଜମାଅତର ପ୍ରତ୍ୟେକଟି ଘରମାନଙ୍କରେ ସାପ୍ତାହିକ ଖବରକାଗଜ ବଦର୍‌ର ଅଧ୍ୟୟନକୁ ସୁନିଶ୍ଚିତ କରାଯିବା ନିହାତି ଜରୁରୀ ଅଟେ । ବଦର୍‌ରେ ପବିତ୍ର କୁରଆନ୍, ହଦିସ୍ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ନୀତିବାଣୀ ବ୍ୟତୀତ ହୁଜୁର ଅନ୍‌ୱର୍ ଅ.ବଙ୍କ ଖୁତ୍‌ବା ଜୁମା, ଉଦ୍‌ବୋଧନୀ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଭିନ୍ନ ଦେଶର ଗସ୍ତ ସଂପର୍କିତ ଅତ୍ୟନ୍ତ ରୋଚକ ଓ ବିଶ୍ୱାସବର୍ଦ୍ଧକ ରିପୋର୍ଟସ୍ ନିୟମିତ ରୂପେ ପ୍ରକାଶିତ ହୋଇଥାଏ । ତେଣୁ ଏସବୁକୁ ଅଧ୍ୟୟନ ଏବଂ ପାଠ କରିବା ପ୍ରତ୍ୟେକ ଅହମଦି ପକ୍ଷେ ନିତାନ୍ତ ଜରୁରୀ ଅଟେ । ଅଲ୍ଲାଃତାଲାଙ୍କ କୃପାରୁ ସୟେଦିନା ହୁଜୁର ଅନ୍‌ୱର୍[ଅ.ବ]ଙ୍କ ଦୟା ବଳରେ ବର୍ତ୍ତମାନ ଉକ୍ତ ଖବରକାଗଜ ଉର୍ଦ୍ଦୁ ଭାଷା ବ୍ୟତୀତ ନାନା ପ୍ରାଦେଶିକ ଭାଷା ଯଥା-ହିନ୍ଦୀ, ବଂଗଳା, ତାମିଲ୍ ତେଲୁଗୁ, ମାଲିୟାଲମ୍, ଓଡ଼ିଆ ଓ କନ୍ନଡ଼ ଇତ୍ୟାଦି ଭାଷାରେ ମଧ୍ୟ ପ୍ରକାଶିତ ହେଉଅଛି । ଅତଏବ୍ ଯେଉଁ ଅହମଦି ବନ୍ଧୁମାନେ ଏପର୍ଯ୍ୟନ୍ତ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନାହାନ୍ତି, ସେମାନଙ୍କୁ ସବିନୟ ଅନୁରୋଧ କରାଯାଉଅଛି ଯେ ସେମାନେ ଖବରକାଗଜ ବଦର୍ ନିଜ ନାମରେ ଜାରି କରାଇ ନିଜେ ପଢନ୍ତୁ ଏବଂ ନିଜର ଅନ୍ୟ ବନ୍ଧୁ ପରିଜନ ତଥା ଆତ୍ମୀୟ ସ୍ୱଜନମାନଙ୍କୁ ମଧ୍ୟ ଉକ୍ତ ସାପ୍ତାହିକ ଖବରକାଗଜ ପାଠ କରିବା ପ୍ରତି ଆଗ୍ରହ ସୃଷ୍ଟି କରି ସେମାନଙ୍କୁ ଉତ୍ସାହିତ ଓ ଅନୁପ୍ରାଣିତ କରନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ପ୍ରକୃତ ଆତ୍ମାର ସହିତ ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଅ.ବଙ୍କ ଆଦେଶାବଳୀ ଉପରେ ସଂପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** । ଖବରକାଗଜ ବଦର୍ ଯଥା ସମୟରେ ନପହଞ୍ଚିବା, ଚାନ୍ଦା ପୈଠ କରିବା ,ଅନ୍ୟ ଯେକୌଣସି ସମସ୍ୟା, ସୂଚନା ଓ ତଥ୍ୟ ପ୍ରାପ୍ତ କରିବା ନିମନ୍ତେ ସାପ୍ତାହିକ ବଦର୍‌ର ମ୍ୟାନେଜର୍ ସାହେବଙ୍କ ସହିତ ଯୋଗାଯୋଗ କରନ୍ତୁ । **ଯଜାକୁମୁଲ୍ଲାଃ । (ସମ୍ପାଦକ)**

## 130 ତମ ଜଲ୍‌ସା ସାଲାନା କାଦିୟାନ୍, ତା-26, 27, 28, ଡିସେମ୍ବର, 2025 ମସିହାରେ ଆୟୋଜିତ ହେବ

ସୟେଦିନା ହ. ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ 130 ତମ ଜଲ୍‌ସା ସାଲାନା କାଦିୟାନ୍ 2025 ମସିହା ନିମନ୍ତେ ତା-26, 27, 28 ଡିସେମ୍ବର 2025 ମସିହା (ବାର-ଶୁକ୍ରବାର, ଶନିବାର ଓ ରବିବାର) ପାଇଁ ତାରିଖ ଓ ବାର ମଞ୍ଜୁର (ଅନୁମୋଦନ) କରିଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ଏବେଠାରୁ ହିଁ ଦୁଆର ସହିତ ଉକ୍ତ କଲ୍ୟାଣମୂଳକ ଜଲ୍‌ସାରେ ସାମିଲ୍ ହେବାର ଉଦ୍ଦେଶ୍ୟ ନେଇ ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଉକ୍ତ ଐଶୀଭିତ୍ତିକ ଆଧ୍ୟାତ୍ମିକ ଜଲ୍‌ସାରେ ଅଧିକରୁ ଅଧିକ ଲୋକମାନଙ୍କୁ ଅଂଶ ଗ୍ରହଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯଦ୍ଦ୍ୱାରାକି ଲୋକମାନେ ଉକ୍ତ ଜଲ୍‌ସାରୁ ଉପକୃତ ହୋଇପାରିବେ । ସେହିପରି ହ. ମସିହ୍ ମଉଦ୍ ଅ.ସ ଜଲ୍‌ସାରେ ସାମିଲ୍ ହୋଇଥିବା ଅଂଶଗ୍ରହଣକାରୀଙ୍କ ସପକ୍ଷରେ ଯେଉଁ ଦୁଆ କରିଛନ୍ତି ଅଲ୍ଲାଃତାଲା ସେହି ସମସ୍ତ ଦୁଆକୁ ସ୍ୱୀକାର କରି ଲୋକମାନଙ୍କୁ ଆପଣ ଅ.ସଙ୍କ ଦୁଆର ପ୍ରକୃତ ଅଧିକାରୀ କରନ୍ତୁ । **ଆମିନ୍** । ସେହିପରି ଉକ୍ତ ଜଲ୍‌ସା ସାଲାନା ପ୍ରତ୍ୟେକ ଦୃଷ୍ଟିରୁ ସାଫଲ୍ୟମଣ୍ଡିତ ଏବଂ କଲ୍ୟାଣମୟ ହେବା ନିମନ୍ତେ ଓ ପୁଣ୍ୟାତ୍ମାମାନଙ୍କ ମାର୍ଗଦର୍ଶନର କାରଣ ହେବା ନିମନ୍ତେ ଦୁଆ ଜାରି ରଖନ୍ତୁ । ଯଜାକୁମୁଲ୍ଲାଃହୁ ତାଆଲା ଓ ଅହସନଲ୍ ଯଜା । ଅଲ୍ଲାଃତାଲା ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ନାଜିର୍ ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାହ୍ କାଦିୟାନ୍)**

(ଖୁତ୍‌ବା ଜୁମା)

ଆଁହଜରତ ସ.ଅ ହକିମ୍ ବିନ୍ ହିଜାମ୍‌ଙ୍କୁ ପ୍ରଥମେ 100ଟି ଓଟ ଏବଂ ପୁନଶ୍ଚ ତାଙ୍କର ଅନୁରୋଧ କ୍ରମେ ଅତିରିକ୍ତ 200 ଓଟ ପ୍ରଦାନ କରି କହିଲେ, ହେ ହକିମ୍ ! ଉକ୍ତ ଧନଟି ଅତ୍ୟନ୍ତ ମିଷ୍ଟ ଅଟେ । ଯେଉଁ ବ୍ୟକ୍ତି ଉକ୍ତ ଧନକୁ ନିଃସ୍ୱାର୍ଥପର ହୋଇ ଗ୍ରହଣ କରିବ ତେବେ ତାକୁ ଉକ୍ତ ଧନରେ ଅଜସ୍ର କଲ୍ୟାଣ ପ୍ରାପ୍ତ ହେବ ଏବଂ ଯେଉଁ ବ୍ୟକ୍ତି ଉକ୍ତ ଧନକୁ ସ୍ୱାର୍ଥପର ହୋଇ ଏବଂ ପ୍ରଲୋଭିତ ହୋଇ ଗ୍ରହଣ କରିବ ତେବେ ଉକ୍ତ ଧନରେ କୌଣସି କଲ୍ୟାଣ ଜାତ ହେବ ନାହିଁ । ସେହି ବ୍ୟକ୍ତି ସେହିପରି ଅଟେ ଯେପରିକି ଜଣେ ବ୍ୟକ୍ତି ଆହାର ତ' ଖାଇଥାଏ କିନ୍ତୁ ତା'ର ପେଟ ପୂରି ନଥାଏ । ଉପର ହାତ ତଳ ହାତ ଅପେକ୍ଷେ ଅଧିକ ଶ୍ରେୟସ୍କର ଅର୍ଥାତ୍ ଗ୍ରହଣକାରୀ ବ୍ୟକ୍ତି ଅପେକ୍ଷା ଦାନକାରୀ ବ୍ୟକ୍ତିର ହାତ ସର୍ବୋତ୍ତମ ଅଟେ ।

— — — — — — — — — — — — — — — — — — — — —

ପୂର୍ବ ଐଶୀ ସାହାଯ୍ୟର ପ୍ରକାଶରେ ତାଏଫ୍‌କୁ ଜୟ କରିବା କୌଣସି କଷ୍ଟସାଧ କାର୍ଯ୍ୟ ଓ ଅସମ୍ଭବ ବ୍ୟାପାର ନଥିଲା । କିନ୍ତୁ ଆପଣ ସ.ଅ ପ୍ରକାଶ୍ୟ ରୂପେ ପରାଜୟକୁ ସ୍ୱୀକାର କଲେ ଏବଂ ଘେରାଉ ସମାପ୍ତ କରିବା ନିମନ୍ତେ ଆଦେଶ ଦେଲେ । ଅତଏବ୍ ବାସ୍ତବରେ ଆଁହଜରତ ସ.ଅଙ୍କ ଜୀବନୀର ଏକ ଜାଜ୍ୱଲ୍ୟମାନ ପକ୍ଷ ଆମମାନଙ୍କୁ ଦୃଶ୍ୟମାନ ହୋଇଥାଏ ଯେ, ଆପଣ ସ.ଅଙ୍କ ଏହି ସୈନ୍ୟବାହିନୀ ଚାଳନା ପ୍ରକୃତରେ କୌଣସି ଆତ୍ମିକ ଉତ୍ସାହ ତଥା ହୃଦୟାବେଶ ଜନିତ ଉତ୍ସାହର ଅଧୀନ ନଥିଲା । ମାଲେ ଗନିମତ୍ ପ୍ରାପ୍ତ କରିବା କିମ୍ବା ରାଜ୍ୟମାନଙ୍କୁ ଜୟ କରୁବା ନିମନ୍ତେ ଉଦ୍ଦିଷ୍ଟ ନଥିଲା । ବରଂ ଆପଣ ସ.ଅଙ୍କର ପ୍ରତ୍ୟେକଟି ଗତିବିଧି, ଆଚରଣ ଓ ଉଚ୍ଚାରଣ ସର୍ବଜ୍ଞ ଈଶ୍ୱରଙ୍କ ପ୍ରସନ୍ନତା ତଥା ତାହାଙ୍କ ଆଜ୍ଞାନୁସାରେ ଥିଲା ।

— — — — — — — — — — — — — — — — — — — — —

ଆଁହଜରତ ସ.ଅଙ୍କ ଅସୀମ ସତ୍‌ସାହସ ଏବଂ ଅସୀମ ଦୟାର ଏହି ଅବସ୍ଥା ଥିଲା ଯେ, ପ୍ରକାଶ୍ୟ ରୂପେ ପ୍ରତ୍ୟେକ ପ୍ରକାରର ଉଦ୍ଦେଶ୍ୟ ପ୍ରାପ୍ତ ନକରି ଆପଣ ସ.ଅ ଯାଉଥିଲେ । କିନ୍ତୁ ଆପଣ ସ.ଅ ସେମାନଙ୍କୁ ଅଭିଶାପ ଦେବା ପରବର୍ତ୍ତେ ଏହି ଦୁଆ କଲେ ଯେ, اَللّٰهُمَّ اهْدِ ثَقِيْفًا وَّاْتِ بِهِمْ مُسْلِمِيْنَ ଅର୍ଥାତ୍ ହେ ଅଲ୍ଲାଃ! ସକିଫ୍ ସଂପ୍ରଦାୟକୁ ସତ୍‌ମାର୍ଗ ପ୍ରଦାନ କର ଏବଂ ସେମାନଙ୍କୁ ମୁସଲମାନ କରି ନେଇ ଆସ ।

— — — — — — — — — — — — — — — — — — — — —

ଆଁହଜରତ ସ.ଅ ହୁନୈନ୍ ଯୁଦ୍ଧ ପରେ କୁରୈଶମାନଙ୍କୁ ଧନ ସମ୍ପତ୍ତି ପ୍ରଦାନ କରିବାରେ ଏକ ରହସ୍ୟ ସଂପର୍କରେ ବର୍ଣ୍ଣନା କରିବ କହିଲେ,

إِنِّيْ أُعْطِيْ قُرَيْشًا أَتَأَلَّفُهُمْ، لِأَنَّهُمْ حَدِيْثُ عَهْدٍ بِجَاهِلِيَّةٍ

ଅର୍ଥାତ୍ ମୁଁ କୁରୈଶମାନଙ୍କୁ ଧନ ସମ୍ପତ୍ତି ତଥା ମାଲେ ଗନିମତ୍ ପ୍ରଦାନ କରି ସେମାନଙ୍କର ପୃଷ୍ଠପୋଷକତା (ମନ ଜିଣିବାକୁ) କରିବାକୁ ଚାହୁଁଛି । କାରଣ ଅବିଶ୍ୱାସକାରୀତା ସହିତ ସଂପର୍କ ଛିନ୍ନ କରିବାକୁ ସେମାନଙ୍କୁ ଅଧିକ ସମୟ ହୋଇ ନାହିଁ । ସେମାନଙ୍କର ବିଶ୍ୱାସ ଏତେ ଦୃଢ ହୋଇ ନାହିଁ ।

— — — — — — — — — — — — — — — — — — — — —

ସାହାବାମାନେ ହୁନୈନ୍ ଯୁଦ୍ଧ ପରେ ଜଣେ ଆପତ୍ତିକାରୀ ତଥା କପଟବିଶ୍ୱାସୀ ବ୍ୟକ୍ତି ସଂପର୍କରେ କହିଲେ, "ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଜଣେ ବ୍ୟକ୍ତି ପ୍ରକାଶ୍ୟ ରୂପେ କହୁଛି ଗୋଟେ କଥା କିନ୍ତୁ କରୁଛି ଆଉ ଗୋଟେ କଥା । ମନରେ ଗୋଟେ କଥା ପାଟିରେ ଗୋଟେ କଥା । ତେବେ କ'ଣ ଏପରି ବ୍ୟକ୍ତି ଦଣ୍ଡ ବା ଶାସ୍ତି ପାଇବାର ଅଧିକାରୀ ଅଟେ କି ?" ପ୍ରତ୍ୟୁତ୍ତରରେ ରସୁଲ୍ଲାଃ ସ.ଅ କହିଲେ, "ଅଲ୍ଲାତାଲା ମୋତେ ଏହି ଆଦେଶ ଦେଇ ନାହାନ୍ତି ଯେ, ମୁଁ ଲୋକମାନଙ୍କୁ ସେମାନଙ୍କ ମନ ଭିତରେ ଥିବା ଧାରଣା ବା ଚିନ୍ତାଧାରା ଅନୁଯାୟୀ ସେମାନଙ୍କ ପ୍ରତି ଆଚରଣ ପ୍ରଦର୍ଶନ କରିବି । ମୋତେ ତ' ଏହି ଆଦେଶ ଦିଆଯାଇଛି ଯେ, ମୁଁ ଲୋକମାନଙ୍କ ସହିତ ସେମାନଙ୍କର ପ୍ରକାଶ୍ୟଗତ ଅବସ୍ଥା ଅନୁଯାୟୀ ହିଁ ଆଚରଣ (ବ୍ୟବହାର) ପ୍ରଦର୍ଶନ କରିବି ।"

— — — — — — — — — — — — — — — — — — — — —

ତାଏଫ୍ ଯୁଦ୍ଧ ଓ ହୁନୈନ୍ ଯୁଦ୍ଧର ପୃଷ୍ଠଭୂମିରେ ଆଁହଜରତ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ।

— — — — — — — — — — — — — — — — — — — — —

**19 September 2025 ମସିହା ଅନୁଯାୟୀ ୧ ୯ ତବୁକ୍ ୧ ୪ ୦ ୪ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଗତ ଖୁତ୍‌ବାରେ ତାଏଫ୍ ଯୁଦ୍ଧ ସଂପର୍କରେ ଚର୍ଚ୍ଚା ଚାଲିଥିଲା । ଇତ୍ୟବସରରେ ଯେଉଁ ସାହାବି ତାଏଫ୍‌ବାସୀଙ୍କ ସହିତ କଥାବାର୍ତ୍ତା କରିବା ନିମନ୍ତେ ଯାଇଥିଲେ ଏବଂ ତାଏଫ୍‌ବାସୀମାନେ ଏହି ଆଶ୍ୱାସନା ମଧ ଦେଇଥିଲେ ଯେ, ସେମାନେ ସେହି ସାହାବିଙ୍କୁ କିଛି କରିବେ ନାହିଁ । କିନ୍ତୁ ଯେତେବେଳେ ସେହି ସାହାବି ଜଣକ ଦୁର୍ଗ ନିକଟକୁ ଗଲେ ସେତେବେଳେ ସେହି ସାହାବିଙ୍କୁ ଶହୀଦ୍ କରିଦିଆଗଲା ଏବଂ ସେହି ଲୋକମାନେ (ତାଏଫ୍‌ବାସୀମାନେ) ବିଶ୍ୱାସଘାତକତା ପ୍ରଦର୍ଶ କରି ଚୁକ୍ତି ଭଙ୍ଗ କରିଦେଲେ । କିନ୍ତୁ ତାଏଫ୍‌ବାସୀଙ୍କ ଉକ୍ତ ଚୁକ୍ତି ଭଙ୍ଗ ସତ୍ତ୍ୱେ ନବୀ କରୀମ୍ ସ.ଅ ସନ୍ଧି ସ୍ଥାପନ କରିବା ନିମନ୍ତେ ଯେଉଁ ଉଦ୍ୟମ ରହିଥିଲା ତାହାକୁ ଆପଣ ସ.ଅ ପରିତ୍ୟାଗ (ଛାଡ଼ିଲେ) କଲେ ନାହିଁ । ଆପଣ ସ.ଅ ପୁନଃ ହ. ହନ୍‌ଜଲା ବିନ୍ ରବିଇ ର.ଅଙ୍କୁ ତାଏଫ୍‌ବାସୀ ଆଡ଼କୁ ପ୍ରେରଣ କଲେ । ସେ ଯେତେବେଳେ ଦୁର୍ଗ ନିକଟରେ ପହଞ୍ଚିଲେ ଏବଂ କଥାବାର୍ତ୍ତା ତଥା ଆପୋଷ ବୁଝାମଣା କରିବା ନିମନ୍ତେ ସନ୍ଦେଶ ପ୍ରେରଣ କଲେ ସେତେବେଳେ ସେମାନଙ୍କର କେତେକ ଲୋକ କଥାବାର୍ତ୍ତା କରିବା ନିମନ୍ତେ ବାହାରକୁ ଆସିଲେ ଏବଂ ହ. ହନ୍‌ଜଲା କହିଲେ, ତୁମେମାନେ ସନ୍ଧି କରିବାକୁ ଚାହୁଁଛ ଅବା ନୁହେଁ ? ସେହି ଲୋକମାନେ କିଛି କହାବି ପରବର୍ତ୍ତେ ହ. ହନ୍‌ଜଲା ର.ଅଙ୍କ ଉପରେ ଆକ୍ରମଣ କରିଦେଲେ ଏବଂ ତାଙ୍କୁ ଧରି ଦୁର୍ଗ ମଧକୁ ନେଇଯିବା ନିମନ୍ତେ ଉଦ୍ୟମ କରିବାକୁ ଲାଗିଲେ । ଆଁହଜରତ ସ.ଅଙ୍କୁ ଯେତେବେଳେ ଉକ୍ତ ଘଟଣା ସଂପର୍କରେ ସୂଚନା ମିଳିଲା ସେତେବେଳେ ଆଁହଜରତ୍ ସ.ଅ କହିଲେ, ହେ ସାହାବାମେନେ ! କିଏ ତାଏଫ୍‌ବାସୀଙ୍କ ଠାରୁ ହ. ହନ୍‌ଜାଲ ର.ଅଙ୍କୁ ଛଡ଼ାଇ ଆଣିବ । ଅତଏବ୍ ଯେଉଁ ବ୍ୟକ୍ତି ହ. ହନ୍‌ଜଲା ର.ଅଙ୍କୁ ମୁକୁଳାଇ ନେଇ ଆସିବ ସେହି ବ୍ୟକ୍ତିକୁ ଆମର ସମସ୍ତ ମୁଜାହିଦିନ୍‌ମାନଙ୍କ ତୁଲ୍ୟ ପ୍ରତିଫଳ ପ୍ରାପ୍ତ ହେବ । ପ୍ରତ୍ୟୁତ୍ତରରେ ହ. ଅବ୍ବାସ୍ ର.ଅ ଦଉଡ଼ି ଯାଇ ଅବିଶ୍ୱାସକାରୀଙ୍କ କବଳରୁ ହ. ହନ୍‌ଜଲା ର.ଅଙ୍କୁ ଉଦ୍ଧାର କରି ନେଇ ଆସିଲେ । ହ. ଅବ୍ଦୁଲ୍ଲାଃ ର.ଅ ଯେତେବେଳେ ହ. ହନ୍‌ଜଲା ର.ଅଙ୍କୁ ଅବିଶ୍ୱାସକାରୀମାନଙ୍କ କବଳରୁ ଉଦ୍ଧାର କରି ଆଣୁଥିଲେ ସେତେବେଳେ ଦୁର୍ଗବାସୀହାମାନେ ଏମାନଙ୍କ (ହ. ଅବ୍ବାସ୍ ଓ ହ. ହନ୍‌ଜଲା ର.ଅଙ୍କ) ଉପରକୁ ପଥର ବର୍ଷଣ ମଧ କଲେ । କିନ୍ତୁ ଏମାନେ ଦୁହେଁ ଅବିଶ୍ୱାସକାରୀମାନଙ୍କ ପଥର ବୃଷ୍ଟିରୁ ସୁରକ୍ଷିତ ରହିଲେ । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲ୍ଲାଃ ସ.ଅ, ଭାଗ-9, ପୃ-352-353, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ଯେପରିକ ବିଗତ ଖୁତ୍‌ବାରେ ଚର୍ଚ୍ଚା ହୋଇ ସାରିଛି ଯେ, ତାଏଫ୍‌ବାସୀ ଏବଂ ହୱାଜିନ୍ ସଂପ୍ରଦାୟ ସହିତ ମକ୍କାବାସୀଙ୍କ ଓ ବିଶେଷ କରି କୁରୈଶ୍‌ମାନଙ୍କର ବର୍ଷ ବର୍ଷର ଆନୁବଂଶିକ ଏବଂ ଗଭୀର ଅର୍ଥନୀତିକ ସଂପର୍କ ରହିଥିଲା । ଉଭୟ ଗୋଷ୍ଠୀଙ୍କ ମଧରେ ବିବାହ ସଂପର୍କ ମଧ ଗଢି ଉଠିଥିଲା । ସେହି କାରଣରୁ ସନ୍ଧି ସ୍ଥାପନ ନିମନ୍ତେ ହ. ଅବୁ ସୁଫିୟାନ୍ ବିନ୍ ହର୍ବ୍ ର.ଅ ଏବଂ ହ. ମୁଗିରାହ୍ ବିନ୍ ଶୁବା ର.ଅ ଦୁର୍ଗ ମଧକୁ ଗଲେ । କିନ୍ତୁ ସେମାନଙ୍କୁ ମଧ ଆଶାନୁରୂପ ସଫଳତା ମିଳିଲା ନାହିଁ । ହେଲେ ଦୁର୍ଗବାସୀମାନେ ଏହି ନିବେଦନ କଲେ ଯେ, ମୁହମ୍ମଦ ସ.ଅ ଆମମାନଙ୍କର ଉଦ୍ୟାନକୁ କ୍ଷତି ପହଞ୍ଚାନ୍ତୁ ନାହିଁ । ଅଲ୍ଲାଃତାଲାଙ୍କ ସକାଶେ ଏବଂ ବନ୍ଧୁ ପରିଜନ ସକାଶେ ସେହି ଉଦ୍ୟାନଗୁଡ଼ିକୁ ସେହିପରି ହିଁ ରହିବାକୁ ଦିଆଯାଉ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଦୁର୍ଗବାସୀମାନେ ସ୍ୱୟଂ ତ' କୌଣସି ଚୁକ୍ତି ଉପରେ କାର୍ଯ୍ୟାନୁସରଣ କରିବେ ନାହିଁ । କିନ୍ତୁ ସେମାନେ ଏହି ନିବେଦନ କରୁଛନ୍ତି ଯେ,

ସେମାନଙ୍କ ଉପରେ ଦୟା କରାଯାଉ । ଅତଏବ୍ ଉକ୍ତ ଚର୍ଚ୍ଚାଟି ହୋଇ ସାରିଛି ଯେ, ଆଁହଜରତ ସ.ଅ ସେମାନଙ୍କ ଅନୁରୋଧ ରକ୍ଷା କରି ସେମାନଙ୍କର ଉଦ୍ୟାନକୁ ନଷ୍ଟ କରିବାର ଯେଉଁ ଆଦେଶ ଦେଇଥିଲେ ତାହାକୁ ଆପଣ ସ.ଅ ପ୍ରତ୍ୟାହାର କରିନେଲେ। **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-358-359, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ଜୀବନୀର ଏକ ଅନନ୍ୟ ପକ୍ଷ ଏହିକି ଯେ, ଆପଣ ସ.ଅ ଏତେ ଅଦମ୍ୟ ସାହସିକତା ଏବଂ ଉତ୍ସାହର ପ୍ରତିପ୍ରଦାନ କଲେ ଯେ, ଅନେକ ଦିନ ପର୍ଯ୍ୟନ୍ତ ଆପଣ ସ.ଅ ଦୁର୍ଗର ଘେରାଉ ଜାରି ରଖିଲେ। ଏହା ଏକ ଯୁଦ୍ଧ ଚାଲ ଥିଲା ଯେ, ଯଦି ଉଦ୍ୟାନକୁ ନଷ୍ଟ କରିବାର ଆଦେଶ ହୋଇଥାଆନ୍ତା ତେବେ ଯୁଦ୍ଧର ପଶା ମୁସଲମାନମାନଙ୍କ ଆଡ଼କୁ ଢଳି ଯାଆନ୍ତା । କିନ୍ତୁ ଯେତେବେଳେ ଦୁର୍ଗବାସୀମାନେ ଆଁହଜରତ ସ.ଅଙ୍କୁ ଈଶ୍ୱରଙ୍କ ଦ୍ୱାହି ଦେଲେ ଏବଂ ଦୟା ପ୍ରଦର୍ଶନ ନିମନ୍ତେ ଅନୁରୋଧ କଲେ ସେତେବେଳେ ଆପଣ ସ.ଅ ସେମାନଙ୍କର ନିବେଦନକୁ ସ୍ୱୀକାର କରିନେଲେ ଏବ ପ୍ରକାଶ୍ୟ ରୂପେ ଏକ ଯୁଦ୍ଧଜନିତ କ୍ଷତିକୁ ମଧ ଆପଣ ସ.ଅ ସ୍ୱୀକାର କରିନେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇତ୍ୟବସରରେ ଆଁହଜରତ୍ ସ.ଅ ଏହି ଘୋଷଣା କରାଇଲେ ଯେ, ଯେଉଁ ଦାସ ଦୁର୍ଗର ସୀମା ଅର୍ଥାତ୍ ପ୍ରାଚୀର (କାନ୍ଥ) ଉପରୁ ଓହ୍ଲାଇ ଆମ ପାଖକୁ ଚାଲି ଆସିବ ସେହି ବ୍ୟକ୍ତି ସ୍ୱାଧୀନ ହେବ । ଫଳତଃ 30ଟି ଦାସମାନେ ଓହ୍ଲାଇ ଆସି ମୁସଲମାନମାନଙ୍କ ସହିତ ମିଶିଗଲେ । ତାଏଫ୍‌ବାସୀ ଅତ୍ୟନ୍ତ ଦୁଃଖିତ ହେଲେ । ଆପଣ ସ.ଅ ସେହି ସମସ୍ତ ଦାସଙ୍କୁ ମୁକ୍ତ କରିଦେଲେ । ସେମାନଙ୍କ ମଧ୍ୟରୁ ଜଣ ଜଣଙ୍କୁ ଆପଣ ସ.ଅ ଗୋଟିଏ ଗୋଟିଏ ମୁସଲମାନମାନଙ୍କୁ ହସ୍ତାନ୍ତର କରିଦେଲେ ଏବଂ ଏମାନଙ୍କ ଦାୟିତ୍ୱ ମଧ ଆପଣ ସ.ଅ ମୁସଲମାନମାନଙ୍କୁ ହସ୍ତାନ୍ତର କରିଦେଲେ ଓ ଲାଳନ ପାଳନର ଦାୟିତ୍ୱ ମଧ ପ୍ରତ୍ୟେକ ମୁସଲମାନମାନଙ୍କ ଉପରେ ନ୍ୟସ୍ତ କରିଦେଲେ । **(ଶରହୁଜ୍ ଜର୍କାନୀ, ଭାଗ-4, ପୃ-11-13, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1996 ମସିହା) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-384, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅ ସେହି ଦାସମାନଙ୍କ ସଂକ୍ରାନ୍ତରେ ମୁସଲମାନ ତଥା ସାହାବାମାନଙ୍କୁ ଏହି ଉପଦେଶ ମଧ ଦେଲେ ଯେ, ଏମାନଙ୍କୁ ଭଲ ଭାବରେ ଧର୍ମ ଶିକ୍ଷା ପ୍ରଦାନ କରାଯାଉ । କିଛି କାଳ ପରେ ଯେତେବେଳେ ତାଏଫ୍‌ବାସୀମାନେ ଇସଲାମ୍ ଧର୍ମ ସ୍ୱୀକାର କରିନେଲେ ସେତେବେଳେ ମୁସଲମାନମାନେ ନିଜର ଏହି ଦାସମାନଙ୍କ ସଂପର୍କରେ ଆଁହଜରତ ସ.ଅଙ୍କୁ ନିବେଦନ କରିଥିଲେ ଯେ, ଆମମାନଙ୍କର ଦାସ ଆମମାନଙ୍କୁ ଫେରସ୍ତ କରିଦିଆଯାଉ। ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ ସେମାନଙ୍କର ଆବେଦନକୁ ରଦ୍ଦ କରିଦେଲେ । ସେହି ଦାସମାନଙ୍କ ମଧ୍ୟରେ କେତେକ ଦାସ ଇସ୍‌ଲାମ୍ ଧର୍ମର ଇତିହାସରେ ପୁଣ୍ୟ ଓ ଧର୍ମପରାୟଣତାରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦା ଓ ସ୍ଥାନ ସୃଷ୍ଟି କରିଥିଲେ । ଏମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ହେଲେ ହ. ଅବୁ ବକ୍କର ର.ଅ ମଧ ଥିଲେ ।

**(ହୁନୈନ୍ ଯୁଦ୍ଧ, ଲେଖକ-ବାଶ୍‌ମିଲ୍, ପୃ-235-235, ନଫିସ୍ ଏକାଡ଼େମୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏକ ଅବସରରେ ଉୱୈନା ବିନ୍ ହସନ୍ ଫଜାରୀ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ଅନୁମତି ଲୋଡ଼ିଲେ ଯେ, ସେ ଦୁର୍ଗ ମଧକୁ ଯାଇ ବନୁ ସକିଫ୍ ସଂପ୍ରଦାୟକୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କରିବେ । ଉୱୈନା ବିନ୍ ହିସନଙ୍କ ପରିଚୟ ଏହିପରି ଯେ, ଆପଣ ର.ଅ ଅହ୍‌ଜାବ୍ ଯୁଦ୍ଧ ଅବସରରେ ଅବିଶ୍ୱାସକାରୀମାନଙ୍କ ପକ୍ଷରୁ ବନୁ ଫଜାରା ସଂପ୍ରଦାୟର ଅଧିପତି ଥିଲେ । ଅହ୍‌ଜାବ୍ ଯୁଦ୍ଧରେ ଅବିଶ୍ୱାସକାରୀମାନଙ୍କ ପରାଜୟ ପରେ ମଧ ଉୱୈନା ବିନ୍ ହିସନ୍ ମଦିନା ଉପରେ ଆକ୍ରମଣ କରିବା ନିମନ୍ତେ ଇଚ୍ଛା ପ୍ରକାଶ କରିଥିଲେ । କିନ୍ତୁ ରସୁଲୁଲ୍ଲାଃ ସ.ଅ ସହର ବାହାରେ ଯାଇ ଆକ୍ରମଣକୁ ପ୍ରତିହତ କଲେ ଏବଂ ତା'କୁ ତିରସ୍କୃତ ହେବା ନିମନ୍ତେ ବାଧ କରିଦେଲେ । ମକ୍କା ବିଜୟ ପୂର୍ବରୁ ଉୱୈନା ବିନ୍ ହିସନ୍ ଇସ୍‌ଲାମ୍ ଧର୍ମ ସ୍ୱୀକାର କରି ନେଇଥିଲା ଏବଂ ମକ୍କା ବିଜୟ ଅବସରରେ ସେ ସାମିଲ୍ ମଧ ହୋଇଥିଲା । ମକ୍କା ବିଜୟ ଅବସରରେ ଉୱୈନା ବିନ୍ ହିସନ୍ ପ୍ରକାଶ୍ୟ ରୂପେ ଜଣେ ମୁସଲମାନ ବ୍ୟକ୍ତି ଥିଲା ଏବଂ ହୁନୈନ୍ ଯୁଦ୍ଧ ଓ ତାଏଫ୍ ଯୁଦ୍ଧରେ ମଧ ସେ ଅଂଶ ଗ୍ରହଣ କରିଥିଲା । ହ. ଅବୁ ବକ୍କର ର.ଅଙ୍କ ଶାସନ କାଳରେ ବିଦ୍ରୋହୀ ଧର୍ମଦ୍ରୋହୀମାନଙ୍କ ସହିତ ମିଶି ଉପଦ୍ରବ ସମୟରେ ବିଧର୍ମୀତାର ଶିକାର ହୋଇଗଲା ଏବଂ ଅବତାରତ୍ୱର ଦାବିକର୍ତ୍ତା ଏବଂ ବିଦ୍ରୋହୀ ତୁଲୈହା ଆଡ଼କୁ ଆକୃଷ୍ଟ ହୋଇଗଲା ଓ ତା'ର ବୈଅତ୍ କରିନେଲା । ତା' ସାଥିରେ ମିଶି ଇସଲାମୀୟ ସୈନ୍ୟବାହିନୀ ବିରୁଦ୍ଧରେ ସେ ଯୁଦ୍ଧ କଲା । ଯେତେବେଳେ ଉୱୈନା ବିନ୍ ହିସନ୍ ଇସଲାମୀୟ ସୈନ୍ୟବାହିନୀ ବିପକ୍ଷରେ ଯୁଦ୍ଧ କରି ଶୋଚନୀୟ ପରାଜୟ ବରଣ କଲା ସେତେବେଳେ ସେ ବନ୍ଦୀ ହୋଇଗଲା ତତ୍ପରେ ପରେ କଏଦୀ ଅବସ୍ଥାର ତା'କୁ ହ. ଅବୁ ବକ୍କର ର.ଅଙ୍କ ସମ୍ମୁଖରେ ଉପସ୍ଥାପିତ କରାଗଲା ସେତେବେଳେ ସେ ଅନୁଶୋଚନା ଅର୍ଥାତ୍ ଅନୁତପ୍ତ ପରିପ୍ରକାଶ କଲା। ହ. ଅବୁ ବକ୍କର ର.ଅ ତାକୁ କ୍ଷମା କରିଦେଲେ ଏବଂ ସେ ପୁନଃ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିନେଲା । ସେତେବେଳେ ଅର୍ଥାତ୍ ଉୱୈନା ବିନ୍ ହିସନ ଯେତେବେଳେ ଇସ୍‌ଲାମ୍ ଧର୍ମ ସ୍ୱୀକାର କରୁଥିଲେ ସେତେବେଳେ ମଧ ସେ ଏହା କହିଲା ଯେ, ମୁଁ ଏହା ପୂର୍ବରୁ କେବେ ବି ବିଶ୍ୱାସ ଆଣି ନଥିଲି । ତା' ସଂପର୍କରେ ଏହା ମଧ ଉଲ୍ଲେଖ ରହିଛି ଯେ, ଉୱୈନା ବିନ୍ ହିସନ୍ ଜଣେ ଅଂକାରୀ, ଜଣେ କଟୁଭାଷୀ ବ୍ୟକ୍ତି ଥିଲା । ନିଜ ସଂପ୍ରଦାୟର ଜଣେ ବିଖ୍ୟାତ ଯୋଦ୍ଧା ଅଧିପତି ମଧ ଥିଲା । ଆଁହଜରତ ସ.ଅ ଉୱୈନାହ୍ ବିନ୍ ହିସନ୍ ସଂପର୍କରେ ଏହା କହିଥିଲେ ଯେ, ଅଲ୍ ଅହମକୁଲ୍ ମୁତାଆ । ଅର୍ଥାତ୍ ଏପରି ନେତା ଏବଂ ମାର୍ଗଦର୍ଶକ ଯିଏ ମୂର୍ଖ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ସେ ଯେତେବେଳେ ଏହା କହିଲା, ଯେ, ମୁଁ ଯାଉଛି ସେତେବେଳେ ଆଁହଜରତ ସ.ଅ ତା'କୁ ଅନୁମତି ପ୍ରଦାନ କରିଦେଲେ ଏବଂ ଉୱୈନା ଯେତେବେଳେ ଦୁର୍ଗ ମଧ୍ୟରେ ଲୋକମାନଙ୍କ ପାଖରେ ପହଞ୍ଚିଲା ଏବଂ ସେଠାରେ ସେ ଇସ୍‌ଲାମ୍ ଧର୍ମର ବାର୍ତ୍ତା ଦେବା ପରିବର୍ତ୍ତେ ସକିଫ୍ ସଂପ୍ରଦାୟକୁ କହିବାକୁ ଲାଗିଲା ଯେ, ହେ ସକିଫ୍ ସଂପ୍ରଦାୟ ! ତୁମେମାନେ ଦୃଢ ରୂପେ ନିଜ ଦୁର୍ଗ ମଧ୍ୟରେ ରୁହ କାରଣ ଆମମାନଙ୍କର ସ୍ଥିତାବସ୍ଥା ଏକ ଦାସ ଠାରୁ ମଧ ଅତୀ ହୀନ (ତଥା ଶୋଚନୀୟ) ହୋଇଯାଇଛି । ସେହିପରି ଏକ ବର୍ଣ୍ଣନାରେ ଉକ୍ତ ଶବ୍ଦ ମଧ ବର୍ଣ୍ଣିତ ହୋଇଛି ଯେ, ହେ ସକିଫ୍‌ବାସୀ ! ଦେଖ ! ତୁମେମାନେ କୌଣସି ଅବସ୍ଥାରେ ବି ନିଜର ଦୁର୍ଗକୁ ପରିତ୍ୟାଗ କରିବା ନାହିଁ ଓ ନା ହିଁ କାହା କଥାରୁ ପ୍ରଭାବିତ ଓ ଚିନ୍ତିତ ହେବ ? ଯେତେବେଳେ ଉୱୈନା ରସୁଲ୍ କରୀମ୍ ସ.ଅଙ୍କ ପାଖକୁ ଫେରିଲା ସେତେବେଳେ ଆପଣ ସ.ଅ ଉୱୈନାକୁ ପଚାରିଲେ, ଉୱୈନା ! ତୁମେ ସେହି ଲୋକମାନଙ୍କୁ (ବନୁ ସକିଫ୍ ଏବଂ ଦୁର୍ଗବାସୀଙ୍କୁ) କ'ଣ କହିଥିଲ ? ସେ କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ସେମାନଙ୍କୁ ଇସ୍‌ଲାମ୍ ଧର୍ମ ସ୍ୱୀକାର କରିବା ନିମନ୍ତେ ମାର୍ଗଦର୍ଶନ ପ୍ରଦାନ କଲି ଓ ସେମାନଙ୍କୁ ଧର୍ମ ଆଡ଼କୁ ଆମନ୍ତ୍ରିତ କଲି । ସେମାନଙ୍କୁ ନର୍କାଗ୍ନି ସଂପର୍କରେ ଡରାଇଲି ଓ ସ୍ୱର୍ଗର ମାର୍ଗ ସଂପର୍କରେ କହିଲି । ଅପର ପକ୍ଷେ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ଏଥି ସଂକ୍ରାନ୍ତରେ ଐଶୀବାଣୀ ମାଧମରେ ସୂଚନା ପ୍ରଦାନ କରି ଦେଇଥିଲେ ଯେ, ସେ ଅର୍ଥାତ୍ ଉୱୈନା ବିନ୍ ହିସନ୍ ସେଠାକୁ ଯାଇ ଅମକ ଅମକ କଥା କହିକି ଆସିଛି । ସୁତରାଂ ଆଁହଜର୍ତ ସ.ଅ କହିଲେ, ହେ ଉୱୈନା ! ତୁମେ ମିଛ କହୁଛ । ତୁମେ ସେମାନଙ୍କୁ ଅମକ ଅମକ କଥା କହିଛ । ଅତଏବ୍ ଉୱୈନା ସେମାନଙ୍କୁ ଯେଉଁ ଯେଉଁ କଥା କହିଥିଲା ଆପଣ ସ.ଅ ଉୱୈନାହ୍‌ର ସମସ୍ତ କଥାର ପୁନରାବୃତ୍ତି କରିଦେଲେ । ଏକଥା ଶୁଣି ଉୱୈନା ଆଶ୍ଚର୍ଯ୍ୟଚକିତ ହୋଇଗଲା ଏବଂ ସେ କହିବାକୁ ଲାଗିଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସତ୍ୟ କହିଛନ୍ତି । ମୁଁ ନିଜର ଏହି କୃତ୍ୟ ଯୋଗୁଁ ଆପଣ ସ.ଅଙ୍କ ସମ୍ମୁଖରେ କ୍ଷମାଯାଚନା କରୁଛି । କିନ୍ତୁ ସେ ଯାହା ହେଉ ତା'ର ବିଶ୍ୱାସ ପୂର୍ଣ୍ଣ ରୂପେ ତା' ହୃଦୟ ମଧ୍ୟରେ ଅବସ୍ଥାପିତତଥା ଆସନ୍ନିତ ହୋଇ ନଥିଲା । **(ଅସ୍‌ସିରତୁଲ୍ ହଲବିୟାହ, ଭାଗ-3, ପୃ-168, ଭାଗ-2, ପୃ-376 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହରୁ ଉଦ୍ଧୃତ, 2002 ମସିହା) (ଅଲ୍ ଇସାବା, ଭାଗ-4, ପୃ-639, ବାଗ-2, ପୃ-376 ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1993 ମସିହା) (ଅଲ୍ ଇସ୍ତିଆବା, ଭାଗ-3, ପୃ-317, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 2002 ମସିହା) (ହ. ସୟେଦିନା ଅବୁ ବକ୍କର ସିଦ୍ଧିକ୍ ର.ଅ, ଲେଖକ-ମୁହମ୍ମଦ୍ ହୁସୈନ୍ ହୈକଲ୍, ପୃ-139, ବୁକ୍ କର୍ଣ୍ଣର ଶୋ ରୁମ୍)(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-360-361, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅ ଘେରାଉର ପରିସ୍ଥିତିକୁ ଦୃଷ୍ଟିରେ ରଖି ହ. ନୌଫଲ୍ ବିନ୍ ମୁଆୱିୟାହ୍ ଦୈଲିଙ୍କ ସହିତ ପରାମର୍ଶ ଯେତେବେଳେ କଲେ ସେତେବେଳେ ସେ କହିଲେ, ଦୁର୍ଗବାସୀମାନେ କୋକିଶିଆଳି ପରି ଅଟନ୍ତି । କାରଣ କୋକିଶିଆଳି ଯେପରି ତା ଗାତ ମଧ ଲୁଚିଥାଏ । ଠିକ୍ ସେହିପରି ତାଏଫ୍‌ର ଦୁର୍ଗବାସୀନ୍ଦାମାନେ ମଧ ଦୁର୍ଗ ମଧ୍ୟରେ ଲୁଚି ବସିଯାଇଛନ୍ତି । ସେହି କୋକିଶିଆଳିର ଗାତ ମୁହାଣରେ ଯଦି ଜଗିକି ବସାଯାଏ ତେବେ କୋକିଶିଆଳିକୁ ଆମେ ଧରିପାରିବା ଓ ଆମେମାନେ ଯେତେବେଳେ ତା'କୁ ଛାଡ଼ିଦେବୁ ସେତେବେଳେ ସେ ଆମକୁ କୌଣସି ପ୍ରକାରର କ୍ଷତି ପହଞ୍ଚାଇବାକୁ ସାମର୍ଥ୍ୟତା ରଖିବ ନାହିଁ ଓ କୋକିଶିଆଳି ନିଜ ଗର୍ତ୍ତ ମୁହାଣ ଭିତରେ ପୁଣିଥରେ ପଶି ଯାଇଥାଏ । ଉକ୍ତ କଥା ଶୁଣି ଆଁହଜରତ୍

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ସ.ଅ ଦୁର୍ଗର ଘେରାଉ ସମାପ୍ତ କରିବା ନିମନ୍ତେ ନିଷ୍ପତ୍ତି ନେଲେ ଏବଂ ହ. ଉମର୍ ର.ଅଙ୍କ ମାଧ୍ୟମରେ ଲୋକମାନଙ୍କ ପର୍ଯ୍ୟନ୍ତ ଏହି ଘୋଷଣା କରାଇଦେଲେ ଯେ, **ଇନ୍ଶାଅଲ୍ଲାଃ** କାଲି ଆମେମାନେ ଏଠାରୁ ଫେରିଯିବୁ । **(ତାରିଖୁତ୍ ତବ୍ରୀ, ଭାଗ-2, ପୃ-172, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍ରୁ ଉଦ୍ଧୃତ, 1987 ମସିହା) (ଅର୍ ରହିକୁଲ୍ ମଖ୍ତୁମ୍, ଉର୍ଦ୍ଦୁ ଅନୁବାଦ, ପୃ-568, ଅଲ୍ ମକ୍ତବତୁସ୍ ସିଫଲିୟାହ୍, ଲାହୋର, 2002 ମସିହାରୁ ଉଦ୍ଧୃତ)**

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ଏହା ପ୍ରତିତ ହୁଏ ଯେ, ବାସ୍ତବରେ କେବଳ ପରାମର୍ଶ ଦ୍ୱାରା ଆପଣ ସ.ଅ ଏହି ଘେରାଉ ଉଠାଇ ନେଲେ ନାହିଁ ବରଂ ଅଲ୍ଲାଃତାଲାଙ୍କ ତରଫରୁ ମଧ୍ୟ ଆପଣ ସ.ଅଙ୍କୁ କୌଣସି ବିଶେଷ ମାର୍ଗଦର୍ଶନ କିମ୍ବା ଇଙ୍ଗିତ ପ୍ରାପ୍ତ ହୋଇଥିଲା, ତେଣୁ ଆପଣ ସ.ଅ ଦୁର୍ଗର ଘେରାଉକୁ ପ୍ରତ୍ୟାହାର କରିନେଲେ । ଅନ୍ୟଥା ଆପଣ ସ.ଅଙ୍କ ଯୁଦ୍ଧ ଅଭିଯାନ ମଧ୍ୟରୁ ଏହା ପ୍ରଥମ ଅବସର ଥିଲା ଯେ, ପ୍ରକାଶ୍ୟ ରୂପେ ଏତେ ଗୁରୁତ୍ୱପୂର୍ଣ୍ଣ ଏବଂ ଜରୁରୀ ବିଜୟକୁ ପ୍ରକାଶ୍ୟ ରୂପେ ଆପଣ ସ.ଅ ଅସଂପୂର୍ଣ୍ଣ ଛାଡ଼ି ଫେରି ଆସିଥିଲେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସମାଲୋଚକମାନେ ଏବଂ ବର୍ଣ୍ଣନା ଉଲ୍ଲେଖକାରୀମାନେ ଯାହା କିଛି ଉଲ୍ଲେଖ କରିଛନ୍ତି ସେହି ସମସ୍ତ ସମାଲୋଚନା ଏବଂ ବର୍ଣ୍ଣନାକୁ ଆମେମାନେ ଇତିହାସରେ ଅବଲୋକନ କରିଛୁ ଯେ, ଏହାଠାରୁ କଷ୍ଟସାଧ୍ୟ ଏବଂ ଅସମ୍ଭବ ଯୁଦ୍ଧରେ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ଅସାଧାରଣ ବିଜୟ ଏବଂ ସାହାଯ୍ୟ ଦ୍ୱାରା ପୁରୁସ୍କୃତ କରିଥିଲେ । ବନୁ କୁରୈଜା ସଂପ୍ରଦାୟ ଏବଂ ଖୈବର୍‌ର ବିଜୟ ଏହାର ଭବ୍ୟ ତଥା ଜ୍ୱଳନ୍ତ ଉଦାହରଣ ଅଟେ । ହୁନୈନ୍ ଯୁଦ୍ଧର ଉଦାହରଣ ମଧ୍ୟ ସେତେବେଳେ ଅତି ନିକଟବର୍ତ୍ତୀ ଉଦାହରଣ ଥିଲା । ସେହି ଉଦାହରଣ ଏବଂ ସେହି ନଦର୍ଶକୁ କିପରି ପାଶୋରି ଦିଆଯାଇପାରିବ ? ହୁନୈନ୍ ଯୁଦ୍ଧ ଅବସରରେ ମକ୍କାବାସୀଙ୍କୁ ମଧ୍ୟ ଆଁହଜରତ ସ.ଅଙ୍କ ପରାଜୟର ଦୃଢ ବିଶ୍ୱାସ ରହିଥିଲା । ସେହି ମକ୍କାବାସୀଙ୍କ ମଧ୍ୟରୁ ଗୋଟିଏ ଗୋଷ୍ଠୀ ପ୍ରକୃତ ପକ୍ଷେ ଆପଣ ସ.ଅଙ୍କ ପରାଜୟର ତାମ୍ସା ଓ ପରଜାୟର ଦୃଶ୍ୟ ଦେଖିବା ନମିନ୍ତେ ଆପଣ ସ.ଅଙ୍କ ସୈନ୍ୟବାହିନୀ ସହିତ ଯାଇଥିଲା । କିନ୍ତୁ ସେତେବେଳେ ମଧ୍ୟ ଏକ ନିଶ୍ଚିତ ତଥା ଅବସନ୍ନ ପରାଜୟରୁ ଅଲ୍ଲାଃତାଲା ଆଶର୍ଯ୍ୟଜନକ ଭାବରେ ଏକ ଅସାଧାରଣ ତଥା ଐତିହାସିକ ବିଜୟ ପ୍ରଦାନ କରିଥିଲେ । ଅତଏବ୍ ତାଏଫ୍‌ରେ ବର୍ତ୍ତମାନ ସେହି ପରାଜିତ ହୋଇଥିବା ସୈନ୍ୟବାହିନୀ ଲୁଚି ରହିଥିଲା । ସେହି ପରାଜିତ ସୈନ୍ୟବାହିନୀ ଆଁହଜରତ ସ.ଅଙ୍କ ଠାରୁ ପରାଜିତ ହୋଇ ଦୁର୍ଗ ମଧ୍ୟରେ ଲୁଚି ବସିଥିଲା । ସେହି ପୂର୍ବ ଐଶୀ ଦୃଶ୍ୟର ପ୍ରକାଶରେ ତାଏଫ୍‌କୁ ଜୟ କରିବା କୌଣସି କଷ୍ଟକର ଓ ଅସମ୍ଭବ ପ୍ରସଙ୍ଗ ନଥିଲା। କିନ୍ତୁ ଆପଣ ସ.ଅ ପ୍ରକାଶ୍ୟ ରୂପେ ସେହି ପରାଜୟକୁ ସ୍ୱୀକରା କଲେ ଏବଂ ଘେରାଉ ସମାପ୍ତ କରିବାର ଘୋଷଣା କଲେ । ଅତଏବ୍ ବାସ୍ତବରେ ଆଁହଜରତ ସ.ଅଙ୍କ ଜୀବନୀର ଏକ ଜାଜୁଲ୍ୟମାନ ପକ୍ଷ ଆମମାନଙ୍କୁ ଦୃଶ୍ୟମାନ ହୋଇଥାଏ ଯେ, ଆପଣ ସ.ଅଙ୍କ ଏହି ସୈନ୍ୟଚାଳନା ପ୍ରକୃତରେ କୌଣସି ଆତ୍ମିକ ଉତ୍ସାହ ତଥା ହୃଦୟାବେଶ ଜନିତ ଉତ୍ସାହର ଅଧୀନ ନଥିଲା । ମାଲେ ଗନିମତ୍ ପ୍ରାପ୍ତ କରିବା କିମ୍ବା ରାଜ୍ୟମାନଙ୍କୁ ଜୟ କରିବା ନିମନ୍ତେ ଉଦ୍ଦିଷ୍ଟ ନଥିଲା । ବରଂ ଆପଣ ସ.ଅଙ୍କ ପ୍ରତ୍ୟେକଟି ଗତିବିଧି, ଆଚରଣ ଓ ଉଚ୍ଚାରଣ ସର୍ବଜ୍ଞ ଈଶ୍ୱରଙ୍କ ପ୍ରସନ୍ନତା ତଥା ତାହାଙ୍କ ଆଜ୍ଞାନୁସାରେ ଥିଲା। ଆପଣ ସ.ଅଙ୍କ ସମଗ୍ର ଜୀବନ ନିମ୍ନୋକ୍ତ ଆୟତ୍‌ର ପୁଷ୍ଟିକର୍ତ୍ତା ଥିଲା ଯେ, قُلْ إِنَّ صَلَاتِي وَنُسُكِي وَمَحْيَايَ وَمَمَاتِي لِلّٰهِ رَبِّ الْعٰلَمِينَ **(ଅଲ୍ ଅନ୍ଆମ୍: 163)** ଅର୍ଥାତ୍ ହେ ମୁହମ୍ମଦ ସ.ଅ ! ତୁମ୍ଭେ ସେମାନଙ୍କୁ କୁହ ଯେ, ଆମ୍ଭର ନମାଜ ଏବଂ ଆମ୍ଭର ତ୍ୟାଗ ତଥା ଆମ୍ଭର ଜୀବନ ଓ ଆମ୍ଭର ମୃତ୍ୟୁ ସକଳ ଜଗତର ପାଳନକର୍ତ୍ତା ଅଲ୍ଲାଃତାଲାଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ତାଏଫ୍‌ର ଘେରାଉ ଅବସରରେ ଦୁଇଟି ଘଟଣା ଏପରି ଘଟିଥିଲା ଯେ, ଯହିଁରୁ ସ୍ପଷ୍ଟ ହୁଏ ଯେ, ଆପଣ ସ.ଅଙ୍କୁ ଅଲ୍ଲାଃତାଲାଙ୍କ ତରଫରୁ ଏହି ମାର୍ଗଦର୍ଶନ ପ୍ରାପ୍ତ ହୋଇଥିଲା ଯେ, ଉକ୍ତ ଦୁର୍ଗର ଘେରାଉକୁ ସମାପ୍ତ କରି ଦିଆଯାଉ ଏବଂ ଆପଣ ସ.ଅ ତୁରନ୍ତ ଘେରାଉ ସମାପ୍ତ କରିବା ନିମନ୍ତେ ଘୋଷଣା କରିଦେଲେ । ଏଥି ସଂକ୍ରାନ୍ତରେ ଆଁହଜରତ ସ.ଅଙ୍କ ଏକ ସ୍ୱପ୍ନର ଚର୍ଚ୍ଚା ମଧ୍ୟ ମିଳେ। ସୁତରାଂ ଇବ୍‌ନେ ହିଶ୍ଶାମ୍ ଉଲ୍ଲେଖ କରନ୍ତି ଯେ, ତାଏଫ୍‌ର ଘେରାଉ ଅବସରରେ ଆଁହଜରତ୍ ସ.ଅ ହ. ଅବୁ ବକ୍କର ର.ଅଙ୍କୁ କହିଲେ, ହେ ଅବୁ ବକ୍କର ! ମୁଁ ଆଜି ଏକ ସ୍ୱପ୍ନ ଦେଖିଛି । ସେହି ସ୍ୱପ୍ନରେ ମୁଁ ଏହା ଦେଖିଲି ଯେ, ମୋ ପାଖକୁ ଲହୁଣୀ ଭର୍ତ୍ତି ହୋଇଥିବା ଏକ ପାତ୍ର ଉପହାର ସ୍ୱରୂପ ଆସିଛି । ଏତଦ୍‌ପରେ ଏକ କୁକୁଡ଼ା (ଗଞ୍ଜା) ସେହି ପାତ୍ରକୁ ଥଣ୍ଟ ମାରି ତଳେ ପକାଇଦେଲା । ହ. ଅବୁ ବକ୍କର ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ଏହି ଧାରଣା ରହିଛି ଯେ, ଏଥର ଆପଣ ସ.ଅ ସକିଫ୍ ସଂପ୍ରଦାୟ ଠାରୁ ଯେଉଁ ଆଶା ରଖୁଛନ୍ତି ତାହା ପୂରଣ ହୋଇପାରିବ ନାହିଁ ଓ ପ୍ରାପ୍ତ ମଧ୍ୟ ହୋଇପାରିବ ନାହିଁ । ଅର୍ଥାତ୍ ସକିଫ୍ ହେଉଛି ଏକ ସଂପ୍ରଦାୟ ଯେଉଁ ସଂପ୍ରଦାୟର ଆପଣ ସ.ଅ ଘେରାଉ କରିଥିଲେ । ତେଣୁ ହ. ଅବୁ ବକ୍କର ର.ଅ ଆଁହଜରତ ସ.ଅଙ୍କୁ ଏହା ବୁଝାଇଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏଥର ଆପଣ ସ.ଅ ଯେଉଁ ସକିଫ୍ ସଂପ୍ରଦାୟର ଘେରାଉ କରିଛନ୍ତି ତାହାର ପରିଣାମ ଏହା ବାହାରିବ ନାହିଁ । ଅର୍ଥାତ୍ ଆମେମାନେ ଯାହା ଭାବିଥିଲୁ ତାହା ଆମମାନଙ୍କ ସପକ୍ଷରେ ହେବ ନାହିଁ । ବିଜୟ ପ୍ରାପ୍ତ ହେବା କଷ୍ଟକର ବୋଲି ଲାଗୁଛି । ରସୁଲୁଲ୍ଲାଃ ସ.ଅ କହିଲେ, ହେ ଅବୁ ବକ୍କର୍ ! ମୋ ମତରେ ମଧ୍ୟ ଏହି ବିଜୟ ପ୍ରାପ୍ତ କରିବା ସେହିପରି ଅସମ୍ଭବ ବ୍ୟାପାର ବୋଲି ପ୍ରତୀୟମାନ ହେଉଛି। **(ସିରତ୍ ଇବ୍‌ନି ହିଶ୍ଶାମ୍, ପୃ-793, ଅତ୍‌ତରିକୁ ଇଲତ୍ ତାଇଫି, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍ 2001 ମସିହା) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-366, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ସେହିପରି ଏକ ବର୍ଣ୍ଣନାରେ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ଖୈଲା ବିନ୍ତ୍ ହକିମ୍ (ପ୍ରକାରାନ୍ତରେ ତାଙ୍କର ନାମ ଖୁୱୈଲା ମଧ୍ୟ ମଧ୍ୟ ବର୍ଣ୍ଣିତ ହୋଇଛି) ଯେକି ହ. ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର.ଅଙ୍କ ପତ୍ନି ଥିଲେ, ସେ ରସୁଲ୍ କରୀମ୍ ସ.ଅ ସେବାରେ ଉପସ୍ଥିତ ହୋଇ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅଲ୍ଲାଃତାଲା ଯଦି ଆପଣ ସ.ଅଙ୍କୁ ତାଏଫ୍‌ର ବିଜୟ ପ୍ରଦାନ କରନ୍ତି ତେବେ ଆପଣ ବାଦିୟା ବିନ୍ତ୍ ଗୈଲାନ୍ କିମ୍ବା ଫାରିଆ ବିନ୍ତ୍ ଅକିଲ୍‌ର ଅଳଂକାର ମୋତେ ଅବଶ୍ୟ ପ୍ରଦାନ କରିବେ । କାରଣ ସମସ୍ତ ସକିଫ୍ ସଂପ୍ରଦାୟରେ ଏହି ମହିଳମାନଙ୍କ ତୁଲ୍ୟ କାହା ପାଖରେ ଏତେ ମୂଲ୍ୟବାନ ଅଳଂକାର ନାହିଁ । ରସୁଲ୍ କରୀମ୍ ସ.ଅ ଖୌଲା ବିନତ୍ ହକିମଙ୍କୁ କହିଲେ, ହେ ଖୈଲୋ ! ଯଦି ସକିଫ୍ ସଂପ୍ରଦାୟ ଉପରେ ମୋତେ ବିଜୟ ପ୍ରାପ୍ତ କରିବାକୁ ଅନୁମତି ନମିଳିଲା ତେବେ କ'ଣ ହେବ ? ହ. ଖୌଲା ର.ଅ ସେଠାରୁ ବାହାରିଲେ ଏବଂ ହ. ଉମର୍ ର.ଅଙ୍କ ନିକଟରେ ଏହାର ଚର୍ଚ୍ଚା କଲେ । ହ. ଉମର୍ ର.ଅ ହୁଜୁର୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏ ଖୌଲା ଏମିତି କ'ଣ କଥା କହୁଛନ୍ତି ? ସେ କହୁଛନ୍ତି ଯେ, ଆପଣ ସ.ଅ ଏକଥା (ସକିଫ୍ ସଂପ୍ରଦାୟ ଉପରେ ମୋତେ ବିଜୟ ପ୍ରାପ୍ତ କରିବାକୁ ଅନୁମତି ନମିଳିଲା ତେବେ କ'ଣ ହେବ ?) କହିଛନ୍ତି । ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହଁ ହଁ ! ମୁଁ ଏକଥା କହିଛି । ହ. ଉମର୍ ର.ଅ ତୁରନ୍ତ ବୁଝିନେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଆପଣ ସ.ଅଙ୍କୁ ସକିଫ୍ ସଂପ୍ରଦାୟ ସଂପର୍କରେ ବିଜୟ ସଂପର୍କରେ କିମ୍ବା ଯୁଦ୍ଧ ଜାରି ରଖିବା ସଂପର୍କରେ ଅନୁମତି ପ୍ରଦାନ କରାଯାଇ ନାହିଁ ? ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ନା । ହ. ଉମର୍ ର.ଅ କହିଲେ, ତାହାହେଲେ ମୁଁ ଲୋକମାନଙ୍କୁ ବାହାରିବା ନିମନ୍ତେ କହି ଦେଉଛି । ଆପଣ ସ.ଅ କହିଲେ, ହଁ ହଁ କହିଦିଅ । ସୁତରାଂ ଆଁହଜରତ ସ.ଅଙ୍କ ଠାରୁ ଅନୁମତି ମିଳିବା ପରେ ହ. ଉମର୍ ର.ଅ ସୈନ୍ୟବାହିନୀ ମଧ୍ୟରେ ଏହି ଘୋଷଣା କରିଦେଲେ ଯେ, ହେ ସୈନ୍ୟେବାହିନୀମାନେ ! ଆଁହଜରତ ସ.ଅ ଫେରିଯିବା ନିମନ୍ତେ ଆଦେଶ ଦେଇଛନ୍ତି। ଚାଲ ଫେରିଚାଲ ସମସ୍ତେ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-387 ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍ରୁ ଉଦ୍ଧୃତ, 1993 ମସିହା, ବୈରୁତ୍) (ଉସ୍‌ଦୁଲ୍ ଗାବା, ଜୈଦ୍ ବିନ୍ ଜମଆ, ପୃ-1509, ମକ୍‌ତବା ଇବ୍‌ନେ ହିଜମ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଯେତେବେଳେ ସେ ପ୍ରତ୍ୟାବର୍ତ୍ତନର ଘୋଷଣା ହେଲା ସେତେବେଳେ ସେହି ଘୋଷଣା ଯୋଗୁଁ କେତେକ ଲୋକମାନେ ଏହା ମତବ୍ୟକ୍ତ କଲେ ଯେ, ଆମେମାନେ ବିନା ବିଜୟରେ କାହିଁକି ଫେରିଯିବୁ ? ତହିଁରୁ ଏହା ପ୍ରତିତ ହୁଏ ଯେ, ଏହା କେତେକ ଉତ୍ସାହିତ ଯୁବକମାନଙ୍କର ପ୍ରତିକ୍ରିୟା ଥିଲା । ପ୍ରଥମେ ତ' ସେମାନେ ହ. ଅବୁ ବକ୍କର ର.ଅଙ୍କ ସେବାରେ ଉପସ୍ଥିତ ହେଲେ, ତତ୍ପରେ ସେମାନେ ହୁଜୁର ସ.ଅଙ୍କ ସେବାରେ ନିବେଦନ କଲେ ଯେ, ବିଜୟ ନହେବା ପର୍ଯ୍ୟନ୍ତ ସେମାନେ ଦୁର୍ଗର ଘେରାଉ ଜାରି ରଖିବେ । କିନ୍ତୁ ସେମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଆପଣ ସ.ଅ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ସଠିକ୍ ଅଟେ । ହ. ଅବୁ ବକ୍କର ର.ଅ ଓ ହ. ଉମର୍ ର.ଅ ଉକ୍ତ କଥା କହିବାକୁ ଅସ୍ୱୀକାର କରିଦେଲେ । ପ୍ରତିକ୍ରିୟା ସ୍ୱରୂପ ଉତ୍‌କ୍ଷିପ୍ତ ଯୁବକମାନେ ସ୍ୱୟଂ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ଅତ୍ୟନ୍ତ ଆବେଗପ୍ରବଣ ଢଙ୍ଗରେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ଲଢିବୁ । ଆପଣ ସ.ଅ ସେହି ଯୁବକମାନଙ୍କ ଉତ୍ସାହ ଦେଖି କହିଲେ, ହଉ ଠିକ୍ ଅଛି ତୁମେମାନେ କାଲି ସକାଳେ ଲଢ ! ସୁତରାଂ ସେହି ଯୁବକମାନେ ପରବର୍ତ୍ତୀ ଦିନ ଯୁଦ୍ଧ କରିବା ନିମନ୍ତେ ଯେତେବେଳେ ବାହାରିଲେ ସେତେବେଳେ ସେମାନଙ୍କୁ କ୍ଷତ

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid,
Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଣିଷର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ବ୍ୟତୀତ ଆଉ କିଛି ପ୍ରାପ୍ତ ହେଲା ନାହିଁ । ଏହା ଦେଖି ରସୁଲୁଲ୍ଲାଃ ସ.ଅ କହିଲେ, ହେ ଯୁବକମାନେ ! **ଇନ୍ଶାଅଲ୍ଲାଃ** ! କାଲି ଆମେମାନେ ଏଠାରୁ ବାହାରିଯିବୁ । ଅର୍ଥାତ ଯୁଦ୍ଧ କରିବାର କିଛି ଲାଭ ମଧ୍ୟ ହେଲା ନାହିଁ । ଆହତ ଯୁବକମାନେ ଯେତେବେଳେ ଫେରି ଆସିଲେ ସେତେବେଳେ ସେମାନେ ସମସ୍ତେ ମଧ୍ୟ ଖୁସି ବ୍ୟକ୍ତ କଲେ ଏବଂ ସେମାନଙ୍କର ମତଧାରାରେ ପରିବର୍ତ୍ତନ ଦେଖି ଆପଣ ସ.ଅ ମଧ୍ୟ ସ୍ମିତହାସ୍ୟ (ହସିଲେ) ପ୍ରକାଶ କଲେ । **(ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-4, ପୃ-13-14, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1996 ମସିହା) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-367-368, ବଜ୍‌ମେ ଇକବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଯୁଦ୍ଧରେ ଅବିଶ୍ୱାସକାରୀମାନଙ୍କର ତିନିଜଣ ବ୍ୟକ୍ତି ନିହତ ହୋଇଥିଲେ । କିନ୍ତୁ ସେମାନଙ୍କର ଆହତ ଏବଂ ଅତିରିକ୍ତ ନିହତ ହୋଇଥିବା ବ୍ୟକ୍ତିଙ୍କ ସଂପର୍କରେ କୌଣସି ଅତିରିକ୍ତ ଚର୍ଚ୍ଚା ମିଳୁ ନାହିଁ । କାରଣ ଏହି ଲୋକମାନେ ଦୁର୍ଗ ମଧ୍ୟରେ ଆବଦ୍ଧିତ ଥିଲେ । ସେହିପରି ମୁସଲମାନମାନଙ୍କ ଆହତ ସୈନ୍ୟମାନଙ୍କ ସଂଖ୍ୟା ସଂପର୍କରେ ମଧ୍ୟ କୌଣସି ସଠିକ୍ ସଂଖ୍ୟା ଜଣା ନାହିଁ । ହେଲେ କେତେକ ଆହତମାନଙ୍କ ସଂପର୍କରେ ସୂଚନା ମିଳିଥାଏ । ଯେପରିକି ଅବିଶ୍ୱାସକାରୀମାନଙ୍କ ତୀର ଦ୍ୱାରା ଆହତ ହୋଇଥିବା ମୁସଲମାନମାନଙ୍କ ମଧ୍ୟରେ ଜଣେ ସାହାବି ହେଲେ ହ. ଅବୁ ସୁଫିୟାନ୍ ବିନ୍ ହର୍ବ୍ ର.ଅଙ୍କ ଚର୍ଚ୍ଚା ମିଳିଥାଏ । ଗୋଟିଏ ତୀର ଆସି ତାଙ୍କ ଆଖିରେ ବାଜିଗଲା । ଫଳତଃ ଆଖିର ଡ଼ୋଳା ବାହାରକୁ ବାହାରି ଆସିଲା । ଆପଣ ର.ଅ ସିଧାସଳଖ ହୁଜୁର୍ ସ.ଅଙ୍କ ପାଖକୁ ଆସିଲେ ଏବଂ ଆପଣ ଏପରି ଅବସ୍ଥାରେ ଆସିଲେ ଯେ, ଆପଣ ର.ଅଙ୍କ ହାତରେ ଆପଣ ର.ଅଙ୍କ ଆଖି ଡୋଳା ଥିଲା । ହ. ଅବୁ ସୁଫିୟାନ୍ ବିନ୍ ହର୍ବ୍ ଆପଣ ସ.ଅଙ୍କୁ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହେଇ ନିଅନ୍ତୁ ମୋ ଆଖି ଅଲ୍ଲାଃତାଲାଙ୍କ ମାର୍ଗରେ ଉତ୍ସର୍ଗ ହୋଇଗଲା । ଆଁହଜରତ ସ.ଅ କହିଲେ, ହେ ଅବୁ ସୁଫିୟାନ୍ ବିନ୍ ହର୍ବ ! ତୁମେ ଯଦି ଚାହୁଁଛ ତେବେ ମୁଁ ତୁମ ନିମନ୍ତେ ଦୁଆ କରିବି ଏବଂ ତୁମର ଆଖି ପୁନଃ ସେହି ସ୍ଥାନରେ ବସିଯିବ ଓ ତୁମର ଆଖି ସୁସ୍ଥ ହୋଇଯିବ । ଆଉ ଯଦି ତୁମେ ଚକ୍ଷୁ ଚାହୁଁ ନାହଁ ତେବେ ତୁମକୁ ବୈକୁଣ୍ଠ ପ୍ରାପ୍ତି ହେବ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଐନ୍ ଅର୍ଥାତ୍ ଯଦି ତୁମେ ଚକ୍ଷୁ (ଆଖି) ଚାହୁଁ ନାହଁ ତେବେ ତୁମକୁ ବୈକୁଣ୍ଠରେ ଦୟାର ଝରଣା ପ୍ରାପ୍ତ ହେବ । ଆରବୀ ଭାଷାରେ "**ଐନ୍**" ଶବ୍ଦର ଅର୍ଥ ହେଲା ଚକ୍ଷୁ ଏବଂ ଝରଣା । ତେଣୁ ହ. ଅବୁ ସୁଫିୟାନ୍ ବିନ୍ ହର୍ବ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ମୋତେ ବୈକୁଣ୍ଠ ଅତି ପ୍ରିୟ ଅଟେ । ଏହା କହି ସେ ନିଜ ହାତରେ ଧରିଥିବା ସେହି ଚକ୍ଷୁକୁ ଫୋପାଡ଼ି ଦେଲେ । ଏ ହେଉଛନ୍ତି ସେହି ଅବୁ ସୁଫିୟାନ୍ ଯିଏ ମକ୍କା ବିଜୟ ଦିନ ଇସ୍‌ଲାମ୍ ଧର୍ମର ଘୋର ଶତ୍ରୁ ଥିଲେ ଏବଂ ଓହୋଦ୍ ଯୁଦ୍ଧରେ ମଧ୍ୟ ଅବିଶ୍ୱାସକାରୀ ସୈନ୍ୟବାହିନୀରେ ସେନାପତି ମଧ୍ୟ ଥିଲେ । ବର୍ତ୍ତମାନ ମୁସଲମାନ ହେବା ପରେ ମଧ୍ୟ ବଳିଦାନରେ ସେ ପ୍ରତିସ୍ପର୍ଦ୍ଧିତ ରୂପେ ଅଂଶ ଗ୍ରହଣ କରିଥିବାର ନଜର ଆସୁଥିଲେ । ଏକ ବିଚିତ୍ର ସଂଯୋଗ ଯେ, ତାଙ୍କର ଦ୍ୱିତୀୟ ଚକ୍ଷୁ ମଧ୍ୟ ୟର୍ମୁକ୍ ଯୁଦ୍ଧରେ ନଷ୍ଟ ହୋଇଯାଇଥିଲା । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-373, ବଜ୍‌ମେ ଇକବାଲ୍ ଲାହୋର୍) (ଅସ୍ ସିରତୁଲ୍ ହଲବିୟାହ୍, ଭାଗ-3, ପୃ-164, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ 2002 ମସିହା) (ମୁନ୍‌ଜିଦ୍, ଐନ୍ ଶବ୍ଦର ଅନୁବାଦ- ପୃ-596, ମକତବା ଅଲ୍ କୁଦ୍ଦୁସିୟାହ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ଆଉ ଜଣେ ସାହାବିଙ୍କର ଚର୍ଚ୍ଚା ରହିଛି, ସେହି ସାହାବି ଜଣକ ହେଉଛନ୍ତି ହ. ଅବୁ ବକ୍କର ର.ଅଙ୍କ ସୁଯୋଗ୍ୟ ସନ୍ତାନ ହ. ଅବଦୁଲ୍ଲାଃ ର.ଅଙ୍କର । ତାଙ୍କର କ୍ଷତ ଏତେ ଦୀର୍ଘ ଦିନ ପର୍ଯ୍ୟନ୍ତ ରହିଲା ଯେ, ତାହା ପ୍ରାଣଘାତକ ସାବ୍ୟସ୍ତ ହେଲା । ପରିଶେଷରେ ହ. ଅବଦୁଲ୍ଲାଃ ବିନ୍ ହ. ଅବୁ ବକ୍କର ର.ଅ ନିଜ ପିତାଶ୍ରୀ ଅର୍ଥାତ୍ ହ. ଅବୁ ବକ୍କର ର.ଅଙ୍କ ଖିଲାଫତ୍ କାଳରେ ହିଁ ସେହି କ୍ଷତ ଯୋଗୁଁ ମୃତ୍ୟୁବରଣ କରିଥିଲେ । **(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-3, ପୃ-169, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1423 ହିଜ୍ରୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଉକ୍ତ ଯୁଦ୍ଧରେ 12 ଜଣ ସାହାବାମାନେ ଶହୀଦ୍ ହୋଇଥିଲେ । ସେହି ଶହୀଦ୍ ହୋଇଥିବା ସାହାବାମାନଙ୍କର ନାମ ଏହିପରି ଅଟେ ଯେ, ହ. ସଇଦ୍ ବିନ୍ ସଇଦ୍ ବିନ୍ ଆସ୍ ର.ଅ, ହ. ଉର୍ଫତା ବିନ୍ ଜନାବ୍ ର.ଅ, ହ. ଅବଦୁଲ୍ଲାଃ ବିନ୍ ଉମୈୟାହ୍ ର.ଅ, ହ. ଅବଦୁଲ୍ଲାଃ ବିନ୍ ଆମିର୍ ର.ଅ, ହ. ସାଏବ୍ ବିନ୍ ହାରିସ୍ ର.ଅ ଏବଂ ତାଙ୍କର ଭାଇ ଅବଦୁଲ୍ଲାଃ ବିନ୍ ହାରିସ୍ ର.ଅ, ହ. ଜୁଲୈହା ବିନ୍ ଅବଦୁଲ୍ଲାଃ ର.ଅ, ହ. ସାବିତ୍ ବିନ୍ ଯଜାଅ ର.ଅ, ହ. ହାରିସ୍ ବିନ୍ ସହଲ୍ ର.ଅ, ହ. ମୁନ୍‌ଜର୍ ବିନ୍ ଅବଦୁଲ୍ଲାଃ ର.ଅ, ହ. ରୁକୈମ୍ ବିନ୍ ସାବିତ୍ ର.ଅ ଓ ହ. ଅବଦୁଲ୍ଲାଃ ବିନ୍ ଅବୁ ବକ୍କର ର.ଅ ଇତ୍ୟାଦି । ହ. ଅବଦୁଲ୍ଲାଃ ବିନ୍ ଅବୁ ବକ୍କର ର.ଅ ପରବର୍ତ୍ତୀ ସମୟରେ ମୃତ୍ୟୁବରଣ କରିଥିଲେ । **(ସିରତ୍ ଇବ୍‌ନେ ହିଶ୍ଶାମ୍, ପୃ-794-795, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ 2001 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ରସୁଲ୍ କରୀମ୍ ସ.ଅଙ୍କ ସାଙ୍ଗରେ ଉକ୍ତ ଯୁଗରେ ଆପଣ ସ.ଅଙ୍କ ଦୁଇ ଜଣ ପବିତ୍ର ପତ୍ନି ହ. ଉମ୍ମେ ସଲ୍‌ମା ର.ଅ ଏବଂ ହ. ଜୈନବ୍ ର.ଅ ମଧ୍ୟ ଥିଲେ । ସେମାନଙ୍କର ନିମନ୍ତେ ଦୁଇଟି ଶିବିର ରୋପଣ କରାଯାଇଥିଲା (ଟେଣ୍ଟ୍ ବନ୍ଧା ହୋଇଥିଲା) । ଆପଣ ସ.ଅ ଘେରାଉ ସମୟରେ ସେହି ଦୁଇ ଶିବିର ମଧ୍ୟରେ ନମାଜ ପାଠ କରୁଥିଲେ । **(ଅତ୍ ତବ୍‌କାତୁଲ୍ କୁବ୍ରା ଲିଇବ୍‌ନେ ସାଆଦ୍ ଭାଗ-2, ପୃ-120, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1990 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅ ତାଏଫ୍‌ରେ କେତେ ଦିନ ପର୍ଯ୍ୟନ୍ତ ଘେରାଉ କରିଥିଲେ ସେଥି ସଂକ୍ରାନ୍ତରେ ଅନେକ ବର୍ଣ୍ଣନା ମିଳେ । କେତେକ ବର୍ଣ୍ଣନାକାରୀମାନେ ଏହା କୁହନ୍ତି ଯେ, ଆଁହଜରତ୍ ସ.ଅ ଦଶ ଦିନରୁ ବେଶୀ ଦିନ ତାଏଫ୍ ଦୁର୍ଗର ଘେରାଉ କରିଥିଲେ । ଇବ୍‌ନେ ହିଶ୍ଶାମ୍ କୁହନ୍ତି ଯେ, ଏହା ମଧ୍ୟ କୁହାଯାଏ ଯେ, ଆପଣ ସ.ଅ 17 ରାତ୍ର ପର୍ଯ୍ୟନ୍ତ ଦୁର୍ଗର ଘେରାଉ କରିଥିଲେ । ସେହିପରି ଅନ୍ୟ କେତେକ ବର୍ଣ୍ଣନାକାରୀମାନେ ଏହା ମଧ୍ୟ କୁହନ୍ତି ଯେ, ଆପଣ ସ.ଅ 20 ଦିନ ପର୍ଯ୍ୟନ୍ତ ଦୁର୍ଗର ଘେରାଉ କରିଥିଲେ, ତ' ଆଉ କେତେକ ବର୍ଣ୍ଣନାକାରୀମାନେ କୁହନ୍ତି ଯେ, ଆଁହଜରତ୍ ସ.ଅ 20 ଦିନରୁ ଉର୍ଦ୍ଧ୍ୱ ରାତି ତାଏଫ୍ ଦୁର୍ଗର ଘେରାଉ କରିଥିଲେ । ସେହିପରି ଏକ ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ରସୁଲୁଲ୍ଲାଃ ସ.ଅ ପ୍ରାୟ 30 ଦିନ ପର୍ଯ୍ୟନ୍ତ ତାଏଫ୍‌ବାସୀଙ୍କର ଘେରାଉ କରିଥିଲେ । ସହି ମୁସଲିମ୍‌ରେ ହ. ଅନସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆମେମାନେ 40 ରାତି ପର୍ଯ୍ୟନ୍ତ ସେହି ଦୁର୍ଗର ଘେରାଉ କରିଥିଲୁ। **(ଅସ ସିରତୁନ୍ ନବୱିୟାହ୍ ଲିଇବ୍‌ନି ହିଶ୍ଶାମ୍, ପୃ-792, ଅଜ୍ ଜିକ୍ରୁ ଗଜ୍‌ୱତୁତ୍ ତାଇଫି ବାଆଦା ହୁନୈନ୍, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍ 2001 ମସିହା) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-388, ଫି ଗଜ୍‌ୱତୁତ୍ ତାଇଫି, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1993 ମସିହା, ବୈରୁତ୍)(ସହି ମୁସଲିମ୍, କିତାବୁଦ୍ ଜକାତ୍, ବାବ୍-ଆତାଉଲ୍ ମୁୱଲ୍ଲିଫତୁ କୁଲୁବୁହୁମ୍ ଅଲଲ୍ ଇସ୍‌ଲାମି, ହଦିସ୍ ନଂ-2442)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେ ଯାହା ହେଉ ଯେତେବେଳେ ପ୍ରସ୍ଥାନ ସମୟ ଆସିଲା ସେତେବେଳେ ଆପଣ ସ.ଅ କହିଲେ, ହେ ସାହାବାମାନେ ତୁମେମାନେ ଏହି ପଂକ୍ତି ପାଠ କରି ଫେର ! آيِبُوْنَ تَائِبُوْنَ عَابِدُوْنَ لِرَبِّنَا حَامِدُوْنَ । ଅର୍ଥାତ୍ ହେ ଅଲ୍ଲାଃ ସକିଫ୍ ସଂପ୍ରଦାୟକୁ ସତ୍‌ମାର୍ଗ ପ୍ରଦାନ କର ଏବଂ ସେମାନଙ୍କୁ ମୁସଲମାନ କରି ଆମ ଧର୍ମକୁ ନେଇ ଆସ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏତଦ୍‌ପରେ ଆଁହଜରତ ସ.ଅ ଯେତେବେଳେ ତାଏଫ୍‌ରୁ ପ୍ରତ୍ୟାବର୍ତ୍ତନ କରିବା ନିମନ୍ତେ ବାହନ ଉପରେ ଆରୋହଣ ହେଲେ ସେତେବେଳେ ଆପଣ ସ.ଅ ଏହି ଦୁଆ କଲେ ଯେ, اَللّٰهُمَّ اهْدِهِمْ وَاكْفِنَا مُؤْنَتَهُمْ । ଅର୍ଥାତ୍ ହେ ଅଲ୍ଲାଃ ! ତୁମ୍ଭେ ସେମାନଙ୍କୁ ସତ୍‌ପଥ ଦେଖାଅ ଏବଂ ସେମାନଙ୍କର ସପ୍ଲାଇ ଏବଂ ଜିନିଷ ପତ୍ର ସାହାଯ୍ୟ ତୁଳନାରେ ତୁମ୍ଭେ ଆମ୍ଭମାନଙ୍କ ନିମନ୍ତେ ଯଥେଷ୍ଟ ହୋଇଯାଅ । କାରଣ ଆପଣ ସ.ଅଙ୍କ ପ୍ରକୃତ ଉଦେଶ୍ୟ ଏହା ଥିଲା ଯେ, ପଥଚ୍ୟୁତ ପ୍ରାଣୀ ନିଜର ସୃଷ୍ଟିକର୍ତ୍ତାଙ୍କ ଆଡ଼କୁ ଫେରି ଆସୁ । ସୁତରାଂ ଅଲ୍ଲାଃତାଲା ଆପଣ ସ.ଅଙ୍କ ଦୁଆକୁ ଏହିପରି ସ୍ୱୀକାର କଲେ ଯେ, ବର୍ତ୍ତମାନ ବର୍ଷେ ବିତି ନଥିଲି କି ଏହି ତାଏଫ୍ ବାସୀମାନେ ରମ୍‌ଜାନ୍ ମାସ 9 ହିଜ୍ରୀରେ ସମସ୍ତେ ମୁସଲମାନ ହୋଇଗଲେ। **(ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ, ଭାଗ-4, ପୃ-15-18, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1996 ମସିହାରୁ ଉଦ୍ଧୃତ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ ମଧ୍ୟ ଏକ ସ୍ଥାନରେ ଏଥି ସଂକ୍ରାନ୍ତରେ ବର୍ଣ୍ଣନା କରିଛନ୍ତି । ଆପଣ ର.ଅ କୁହନ୍ତି ଯେ, "ଆଁହଜରତ ସ.ଅ ତାଏଫ୍‌ବାସୀଙ୍କ ଆଡ଼କୁ ଅଗ୍ରସର ହେଲେ । ଯେଉଁ ସହର (ତାଏଫ୍‌ବାସୀ) ଦିନେ ଆଁହଜରତ ସ.ଅଙ୍କ ଉପରକୁ ପଥର ଫିଙ୍ଗି ଲହୁ ଲୁହାଣ କରି ଆପଣ ସ.ଅଙ୍କୁ ନିଜ ସହରରୁ ବିତାଡ଼ିତ କରି ଦେଇଥିଲା । ସେହି ସହରର ଆପଣ ସ.ଅ କିଛି କାଳ ପର୍ଯ୍ୟନ୍ତ ଘେରାଉ କଲେ । କିନ୍ତୁ କେତେକ ଲୋକମାନେ ଆପଣ ସ.ଅଙ୍କୁ ପରାମର୍ଶ ଦେଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ତାଏଫ୍‌ବାସୀଙ୍କ ଘେରାଉ କରି ସମୟ ନଷ୍ଟ କରିବାର ଆବଶ୍ୟକତା ନାହିଁ । ସମଗ୍ର ଆରବ ଦେଶରେ ବର୍ତ୍ତମାନ ଏହି ସହରଟି ଏକମାତ୍ର ଅବିଶ୍ୱାସକାରୀ ସହର ଭାବରେ ପରିଚିତ ଅଟେ, ଏହି ସହର ଆଉ କ'ଣ ବା କରିପାରିବ । ଆପଣ ସ.ଅ ଘେରାଉ ଛାଡ଼ି ଚାଲି ଆସନ୍ତୁ ଏବଂ କିଛି କାଳ ପରେ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିକ୍ଷିତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

ତାଏଫର ଲୋକମାନେ ମଧ୍ୟ ମୁସଲମାନ ହୋଇଗଲେ ।"

**(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନୱାରୁଲ୍ ଉଲୁମ୍, ଭାଗ-20, ପୃ-357)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହୁନୈନ୍ ଯୁଦ୍ଧରେ ମାଲେ ଗନିମତ୍ ବଣ୍ଟା ହେବା ସଂପର୍କରେ ମଧ୍ୟ ଚର୍ଚ୍ଚା ମିଳେ । ଆଁହଜରତ ସ.ଅ ତାଏଫରୁ ଜିରାନା ଆସିଲେ ଯେଉଁଠି ସମସ୍ତ ବନ୍ଦୀ ଏବଂ ମାଲେ ଗନିମତ୍ ଏକତ୍ରିତ ହୋଇଥିଲା । ଆଁହଜରତ ସ.ଅଙ୍କ ଆଦେଶ ମତେ ସେହି କଏଦୀମାନଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାର ଏହି ଅବସ୍ଥା ରହିଥିଲା ଯେ, ସେହି କଏଦୀମାନଙ୍କର ରହଣୀ ନିମନ୍ତେ ସାମୟିକ୍ ଗୃହ ମଧ୍ୟ ନିର୍ମାଣ କରାଯାଇଥିଲା । କାରଣ ଖରା ଓ ଶୀତର ଦାଉରୁ ଟିକେ ରକ୍ଷା ମିଳି ପାରିବ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-640, ଫି ଗଜ୍‌ୱତୁତ୍ ତାଇଫି, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1993 ମସିହା) (ହୁନୈନ୍ ଯୁଦ୍ଧ, ଲେଖକ- ବାଶମିଲ୍, ପୃ-265, ନଫିସ୍ ଏକାଡ଼େମୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମାଲେ ଗନିମତର ବଣ୍ଟନ ପ୍ରକ୍ରିୟା ଏହିପରି ଥିଲା ଯେ, 6 ହଜାର ଦାସ ଏବଂ ଦାସୀମାନେ ଥିଲେ । ସେମାନଙ୍କର ରହଣୀ ନିମନ୍ତେ ବନ୍ଦୋବସ୍ତ କରାଗଲା । କେତେକ ବର୍ଣ୍ଣନାମାନଙ୍କରେ 8 ହଜାର ଦାସ ଓ ଦାସୀମାନଙ୍କର ସଂଖ୍ୟା ମଧ୍ୟ ବର୍ଣ୍ଣନା କରନ୍ତି । ଆଜିର ଯୁଦ୍ଧ ପରି ନୁହଁ ଯେ, ଶତ୍ରୁ ପକ୍ଷ ପ୍ରତିପକ୍ଷ ପ୍ରତି ଶତ୍ରୁତା ଆଚରଣ ପ୍ରଦର୍ଶନ କରିବାକୁ ଯାଇ ପ୍ରତିପକ୍ଷର ଘର ଉଜାଡ଼ି ଦେଇଥାଆନ୍ତି । ଘରକୁ ଭୂମିସାତ୍ କରି ଦେଇଥାଆନ୍ତି । ଏହି ପ୍ରସଙ୍ଗ ଆଜିକାଲି ଇସ୍ରାଇଲରେ ଦେଖିବାକୁ ମିଳୁଛି । ଆଁହଜରତ ସ.ଅ ସେମାନଙ୍କ ନିମନ୍ତେ (ବନ୍ଦୀମାନଙ୍କ ନିମନ୍ତେ) କେବଳ ଘର ନିର୍ମାଣ କଲେ । ମାଲେ ଗନିମତ୍‌ରେ କଏଦୀମାନଙ୍କ ସଂଖ୍ୟା 6 ହଜାରରୁ 8 ହଜାରେ ମଧ୍ୟରେ ରହିଥିଲା ଏବଂ 24 ହଜାର ଓଟ, 40 ହଜାରରୁ ଊର୍ଦ୍ଧ୍ୱ ଛେଳୀ ମେଣ୍ଢା, 4 ହଜାର ଔକିୟାହ ରୂପା, ଏହାର ଓଜନ ପ୍ରାୟ 490 କି.ଗ୍ରା ମାଲେ ଗନିମତ୍ ରହିଥିଲା। ଏହା ପୂର୍ବରୁ ମୁସଲମାନମାନଙ୍କୁ ଏପରି ବିପୁଳ ସଂଖ୍ୟକ ମାଲେ ଗନିମତ୍ କେବେ ବି ପ୍ରାପ୍ତ ହୋଇ ନଥିଲା । ଇତ୍ୟବସରରେ ଆପଣ ସ.ଅ ନିଜର ସାହାବାମାନଙ୍କର ସଂସ୍କାରର ଏପରି ଧ୍ୟାନ ରଖିଥିଲେ ଯେ, ଆପଣ ସ.ଅ ମାଲେ ଗନିମତ୍ ବାଣ୍ଟିବା ପୂର୍ବରୁ ଘୋଷଣା କଲେ ଯେ, ଏହି ମାଲେ ଗନିମତ୍‌ରେ ମୋର ପଞ୍ଚମାଂଶ ଭାଗ ରହିଛି ଓ ତୁମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିର ମଧ୍ୟ ପଞ୍ଚାମାଂଶ ଭାଗ ରହିଛି ।

ଏତଦ୍‌ପରେ ହୁଜୁର ସ.ଅ କହିଲେ, ଯେଉଁ ବ୍ୟକ୍ତି ପାଖରେ ମାଲେ ଗନିମତର ଛୁଞ୍ଚି ଏବଂ ସୂତା ରହିଛି ସେ ସେହି ବସ୍ତୁକୁ ମଧ୍ୟ ଫେରସ୍ତ କରିଦେଉ । ହେ ସାହାବାମାନେ! ତୁମେମାନେ ବିଶ୍ୱାଘାତକତା ଠାରୁ ବର୍ତ୍ତିବାକୁ ପ୍ରୟାସ କର । କାରଣ ପ୍ରଳୟ ଦିବସ ଦିନ ଏହି ବସ୍ତୁ (ଅର୍ଥାତ୍ ମାଲେ ଗନିମତ୍) ହରଣକାରୀ ବ୍ୟକ୍ତି ନିମନ୍ତେ ଲଜ୍ଜା ଓ କଳଙ୍କ ସାବ୍ୟସ୍ତ ହେବ । ଉକ୍ତ ଏଲାନ୍ (ଘୋଷଣା) ଶୁଣି ଜଣେ ସାହାବି ଓଟର କେଶରୁ ପ୍ରସ୍ତୁତ ପଘାର ଏକ ଗୁଳା ଧରି ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଫାଟି ଯାଇଥିବା ଏକ ଜାମାକୁ ସିଲେଇ କରିବା ନିମନ୍ତେ ଉକ୍ତ ସୂତାକୁ ମାଲେ ଗନିମତ୍‌ରୁ ନେଇ ନେଇଥିଲି । ସେହିପରି ଆଉ ଜଣେ ସାହାବି ମାଲେ ଗନିମତ୍‌ରୁ ଏକ ଛୁଞ୍ଚି ନେଇ ନିଜର ପତ୍ନିକୁ ଦେଇ ଦେଇଥିଲେ । ସେହି ସାହାବି ଜଣକ ଯେତେବେଳେ ଆଁହଜରତ ସ.ଅଙ୍କ ଉକ୍ତ ଘୋଷଣାକୁ ଶୁଣିଲେ ସେତେବେଳେ ସେ ତୁରନ୍ତ ନିଜର ପତ୍ନିଙ୍କ ପାଖକୁ ଗଲେ ଏବଂ ତାଙ୍କ ଠାରୁ ସେହି ଛୁଞ୍ଚି ଧରି ମାଲେ ଗନିମତ୍‌ରେ ଫେରସ୍ତ କରିଦେଲେ । ଆପଣ ସ.ଅ ମାଲେ ଗନିମତ୍ ବାଣ୍ଟିବା ଯେତେବେଳେ ଆରମ୍ଭ କଲେ ସେତେବେଳେ ଆପଣ ସ.ଅ ଲୋକମାନଙ୍କ ମନକୁ ଜିଣିବା ନିମନ୍ତେ ମାଲେ ଗନିମତ୍ ବାଣ୍ଟିବା ଆରମ୍ଭ କଲେ । ଏହି ଚିହ୍ନା ଲୋକମାନେ ଆରବର ଧନୀକ ଶ୍ରେଣୀର ବ୍ୟକ୍ତିମାନେ ଥିଲେ । ଏହିମାନଙ୍କୁ ଆପଣ ସ.ଅ ପ୍ରଥମେ ମାଲେ ଗନିମତ୍ ପ୍ରଦାନ କଲେ । ଏହି ବରିଷ୍ଠ ତଥା ଧନୀକ ଲୋକମାନେ ନିଜ ନିଜ ସଂପ୍ରଦାୟରେ ଉଚ୍ଚ ମର୍ଯ୍ୟାଦାର ଅଧିକାରୀ ଥିଲେ । ଆପଣ ସ.ଅ ଏହି ମର୍ଯ୍ୟାଦାପ୍ରାପ୍ତ ଲୋକମାନଙ୍କୁ ଆକୃଷ୍ଟ ତଥା ପୃଷ୍ଠପୋଷକତା କରିବାକୁ ଯାଇ ସେମାନଙ୍କୁ ଦାନ ଦେଲେ। ଆପଣ ସ.ଅ ସେହି ଲୋକମାନଙ୍କ ମଧ୍ୟରୁ କାହାକୁ 100 ଓଟ ତ' ଆଉ କାହାକୁ 50 ଓଟ ପ୍ରଦାନ କଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହି ମାଲେ ଗନିମତ୍‌ରେ ରୂପା ଏବଂ ଦାସ, ଦାସୀମାନେ ମଧ୍ୟ ରହିଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଜଣେ ଜୀବନୀ ଲେଖାଳୀଙ୍କ ପୁସ୍ତକରେ ଉଲ୍ଲିଖିତ ଅଛି ଯେ, ଅବୁ ସୁଫିୟାନ୍ ବିନ୍ ହର୍‌ବଙ୍କୁ ଆପଣ ସ.ଅ 100 ଓଟ ଦେଲେ । ଅବୁ ସୁଫିୟାନ୍ ଯେତେବେଳେ ରସୁଲ୍ କରୀମ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ସେତେବେଳେ ଆପଣ ସ.ଅଙ୍କ ସମ୍ମୁଖରେ ରୂପାର ସ୍ତୁପ ଏକତ୍ରିତ ହୋଇଥିବାର ଦେଖିଲେ । ଆପଣ ର.ଅ ଏହାକୁ ଦେଖି କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ତ' କୁରୈଶମାନଙ୍କ ମଧ୍ୟରୁ ସର୍ବାଧିକ ଧନୀ ବ୍ୟକ୍ତି ହୋଇ ଯାଇଛନ୍ତି । ଆପଣ ସ.ଅ ସ୍ମିତହାସ୍ୟ (ହସି) ପ୍ରକାଶ କରି ଏହି ଆଦେଶ ଦେଲେ, ଆଛା ଅବୁ ସୁଫିୟାନ୍ ବିନ୍ ହର୍‌ବଙ୍କୁ 40 ଔକିୟା ରୂପା, 100ଟି ଓଟ ଦିଆଯାଉ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅବୁ ସୁଫିୟାନ୍‌ଙ୍କ ସଂପର୍କରେ ଏହା କୁହାଯାଏ ଯେ, ଅବୁ ସୁଫିୟାନ୍ ବିନ୍ ହର୍‌ବର ପୁତ୍ର ନାମ ହେଲା ୟଜିଦ୍ । ସାଧାରଣତଃ ଯେଉଁ ଦୁର୍ନାମ କାଳରେ ୟଜିଦ୍‌ର ଚର୍ଚ୍ଚା ଇତିହାସରେ ମିଳେ ସେହି ୟଜିଦ୍ ହେଉଛି ଅବୁ ସୁଫିୟାନ୍‌ର ପୌତ୍ର (ନାତି) ଥିଲା । ଅର୍ଥାତ୍ ହ. ମୁଆୱିୟାର ପୁତ୍ର ଥିଲା । ଅବୁ ସୁଫିନୟାନ୍ ବିନ୍ ହର୍‌ବ କହିବାକୁ ଲାଗିଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ଦ୍ୱିତୀୟ ପୁତ୍ର ମୁଆୱିୟାକୁ ମଧ୍ୟ ଆପଣ ସ.ଅ କିଛି ଦିଅନ୍ତୁ । ଆପଣ ସ.ଅ ତା' ନିମନ୍ତେ 40 ଔକିୟାହ୍ ରୂପା ଏବଂ 100 ଓଟ ଦେବାର ଆଦେଶ ଦେଲେ । ପ୍ରତ୍ୟୁତ୍ତରରେ ଅବୁ ସୁଫିୟାନ୍ ବିନ୍ ହର୍‌ବ୍ କହିବାକୁ ଲାଗିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ମାତାପିତା ଆପଣ ସ.ଅଙ୍କ ଉପରେ ଉତ୍ସର୍ଗ ହୋଇଯାଆନ୍ତୁ । ଆପଣ ଦୟାଳୁ ଏବଂ କୃପା ପ୍ରଜା ବତ୍ସଳ ଅଟନ୍ତି । ମୁଁ ଆପଣ ସ.ଅଙ୍କ ସହିତ ଯୁଦ୍ଧ କରିଥିଲି କିନ୍ତୁ ଆପଣ ଜଣେ ଅତ୍ୟୁତ୍ତମ ଯୋଦ୍ଧା ଅଟନ୍ତି। ପୁନଶ୍ଚ ମୁଁ ଆପଣ ସ.ଅଙ୍କ ସହିତ ସନ୍ଧି କରିଥିଲି ଏବଂ ଆପଣ ସ.ଅ ଅତ୍ୟୁତ୍ତମ ସନ୍ଧି ସ୍ଥାପନକାରୀ ଓ ସନ୍ଧି ରକ୍ଷକ ଅଟନ୍ତି । ଅଲ୍ଲାଃତାଲା ଆପଣ ସ.ଅଙ୍କୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଆମିନ୍ । **(ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-4, ପୃ-19-18, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1996 ମସିହା) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-396, ଫି ଗଜ୍‌ୱତୁତ୍ ତାଇଫି, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1993 ମସିହା)(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-289, ବଜ୍‌ମେ ଇକ୍‌ବାଲ୍ ଲାହୋର୍) (ହୁନୈନ୍ ଯୁଦ୍ଧ, ଲେଖକ- ବାଶମିଲ୍, ପୃ-217, 273-274, ନଫିସ୍ ଏକାଡ଼େମୀ)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ମକ୍କାର ସମ୍ମାନସ୍ପଦ ଏବଂ ସୌଜନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ହକିମ୍ ବିନ୍ ହିଜାମ୍ ମଧ୍ୟ ଅନ୍ୟତମ ବ୍ୟକ୍ତି ଥିଲେ । ମକ୍କା ବିଜୟ ଅବସରରେ ସେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିଥିଲେ । ଆଁହଜରତ୍ ସ.ଅ ଏହି ଘୋଷଣା କରିଥିଲେ ଯେ, ଯେଉଁ ବ୍ୟକ୍ତି ହକିମ୍ ବିନ୍ ହିଜାମ୍‌ଙ୍କ ଘରେ ପ୍ରବିଷ୍ଟ ହୋଇଯିବ ସେହି ବ୍ୟକ୍ତିକୁ ସୁରକ୍ଷା ପ୍ରଦାନ କରାଯିବ । ଅର୍ଥାତ୍ ସେହି ବ୍ୟକ୍ତି ସୁରକ୍ଷିତ ରହିବ । ହ. ହକିମ୍ ବିନ୍ ହିଜାମ୍ ହ. ଖଦିଜା ର.ଅଙ୍କ ଭାଇଙ୍କ ପୁତ୍ର ଥିଲେ । ତାଙ୍କୁ ମଧ୍ୟ ଆଁହଜରତ ସ.ଅ ଏକଶତ (100ଟି) ଓଟ ପ୍ରଦାନ କରିଥିଲେ । ହ. ହକିମ୍ ବିନ୍ ହିଜାମ ନିଜେ ବର୍ଣ୍ଣନା କରନ୍ତି ଯେ, ମୁଁ ଆଁହଜରତ ସ.ଅଙ୍କ ଠାରୁ 100ଟି ଓଟ ମାଗିଲି ଏବଂ ଆପଣ ସ.ଅ ତାହା ମୋତେ ପ୍ରଦାନ କରିଦେଲେ । ମୁଁ ପୁନଶ୍ଚ ଆଁହଜରତ ସ.ଅଙ୍କୁ ଅତିରିକ୍ତ 100 ଓଟ ମାଗିଲି। ଆପଣ ସ.ଅ ତାହା ମଧ୍ୟ ମୋତେ ପ୍ରଦାନ କରିଦେଲେ । ପୁନଶ୍ଚ ଆଁହଜରତ ସ.ଅ କହିଲେ, ହେ ହକିମ୍ ! ଉକ୍ତ ଧନଟି ଅତ୍ୟନ୍ତ ମିଷ୍ଟ ଅଟେ । ଯେଉଁ ବ୍ୟକ୍ତି ଉକ୍ତ ଧନକୁ ନିଃସ୍ୱାର୍ଥପର ହୋଇ ଗ୍ରହଣ କରିବ ତେବେ ଉକ୍ତ ଧନରେ ଅଜସ୍ର କଲ୍ୟାଣ ପ୍ରାପ୍ତ ହେବ । ଯେଉଁ ବ୍ୟକ୍ତି ଉକ୍ତ ଧନକୁ ସ୍ୱାର୍ଥପର ହୋଇ ଏବଂ ପ୍ରଲୋଭିତ ହୋଇ ଗ୍ରହଣ କରିବ ତେବେ ଉକ୍ତ ଧନରେ କୌଣସି କଲ୍ୟାଣ ଜାତ ହେବ ନାହିଁ । ସେହି ବ୍ୟକ୍ତି ସେହିପରି ଅଟେ ଯେପରିକି ଜଣେ ବ୍ୟକ୍ତି ଆହାର ତ' ଖାଇଥାଏ କିନ୍ତୁ ତା' ପେଟ ପୂରି ନଥାଏ । ଉପର ହାତ ତଳ ହାତ ଅପେକ୍ଷା ଅଧିକ ଶ୍ରେୟସ୍କର ଅର୍ଥାତ୍ ଗ୍ରହଣକାରୀ ବ୍ୟକ୍ତି ଅପେକ୍ଷା ଦାନକାରୀ ବ୍ୟକ୍ତିର ହାତ ସର୍ବୋତ୍ତମ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ଉପଦେଶର ପ୍ରଭାବ ଏପରି ହେଲା ଯେ, ସେହି ମୁହୂର୍ତ୍ତରେ ହିଁ ହ. ହକିମ୍ ବିନ୍ ହିଜାମ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ସେହି ସତ୍ତାଙ୍କର ଶପଥ କରି କହୁଛି ଯିଏ ଆପଣ ସ.ଅଙ୍କୁ ସତ୍ୟର ସହିତ ପ୍ରେରଣ କରିଛନ୍ତି (ଅବତୀର୍ଣ୍ଣ କରିଛନ୍ତି) । ଆଜି ଠାରୁ ମଲା ପର୍ଯ୍ୟନ୍ତ ମୁଁ କାହା ଠାରୁ କିଛି ବି ମାଗିବି ନାହିଁ । ସେହିପରି କେତେକ ବର୍ଣ୍ଣନାମାନଙ୍କରେ ସେ ଅର୍ଥାତ୍ ହକିମ୍ ବିନ୍ ହିଜାମ୍ ର.ଅ ଆଁହଜରତ ସ.ଅଙ୍କ ଠାରୁ 200 ଓଟ ମାଗିଥିଲେ । ସେହି ଓଟକୁ ମଧ୍ୟ ସେ ଫେରସ୍ତ କରିଦେଲେ ଏବଂ ଜୀବନ ସାରା ନିଜର ଏହି ଅଙ୍ଗୀକାରକୁ ଆପଣ ଅବ୍ୟାହତ ଓ ଅକ୍ଷୁର୍ଣ୍ଣ ରଖିଥିଲେ । ଆପଣ ର.ଅ କାହା ଠାରୁ କିଛି ବି ମାଗିଲେ ନାହିଁ । ଏପର୍ଯ୍ୟନ୍ତକି ଆପଣ ର.ଅ ଏହି ଅଙ୍ଗୀକାରର ନିୟମାନୁବର୍ତ୍ତୀ ହୋଇ ରହିଲେ। ଅତଏବ୍ ହ. ଅବୁ ବକ୍କର ର.ଅଙ୍କ କାଳରେ ହ. ଅବୁ ବକ୍କର ର.ଅ ଯେତେବେଳେ ହ. ହକିମ୍ ବିନ୍ ହିଜାମ୍‌ଙ୍କୁ କୌଣସି ଅର୍ଥ ଦେବା ନିମନ୍ତେ ଡାକୁଥିଲେ କିମ୍ବା ଅର୍ଥ ଦେଉଥିଲେ ସେତେବେଳେ ହ. ହକିମ୍ ବିନ୍ ହିଜାମ୍ ର.ଅ ଏହାକୁ ଅସ୍ୱୀକାର କରି ଦେଉଥିଲେ । ପୁନଶ୍ଚ ହ. ଉମର୍ ର.ଅ ମଧ୍ୟ ନିଜ ଶାସନ କାଳରେ ତାଙ୍କୁ ଅର୍ଥ ଦେବା ନିମନ୍ତେ ଡାକିଲେ । କିନ୍ତୁ ହ. ହକିମ୍ ବିନ୍ ହିଜାମ୍ ର.ଅ ଏହାକୁ ଅସ୍ୱୀକାର କରି ଦେଉଥିଲେ।

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଇସ୍‌ଲାମୀୟ ବିଜୟ ଫଳରେ ଅସଂଖ୍ୟ ଧନ ରତ୍ନ ମାଲେ ଗନିମତ୍ ଆକାରରେ ଆସୁଥିଲା । ସେତେବେଳେ ଉପସ୍ଥିତ ଖଲିଫାମାନେ ସାହାବାମାନଙ୍କୁ ଏହି ମାଲେ ଗନିମତରୁ ଭେଟି ସ୍ୱରୂପ ପ୍ରଦାନ କରୁଥିଲେ । କିନ୍ତୁ ହ. ହକିମ୍ ବିନ୍ ହିଜାମ୍ ର.ଅ ଉକ୍ତ ଭେଟିକୁ ଗ୍ରହଣ କରିବାକୁ ଅସ୍ୱୀକାର କରିଦେଲେ । ପ୍ରତ୍ୟୁତ୍ତରରେ ହ. ଉମର୍ ର.ଅ ସମସ୍ତ ଉପସ୍ଥିତ ମଣ୍ଡଳୀଙ୍କୁ ସମ୍ବୋଧିତ କରି କହିଲେ, ହେ ଲୋକମାନେ ! ତୁମେମାନେ ସାକ୍ଷୀ ରୁହ ଯେ, ମୁଁ ହକିମ୍ ବିନ୍ ହିଜାମ୍‌ଙ୍କୁ ତାଙ୍କର ଅଧିକାର ଦେଇ ଦେଇଥିଲି । କିନ୍ତୁ ସେ ଏହାକୁ ସ୍ୱୀକାର କଲେ ନାହିଁ ବରଂ ଏହାକୁ ଅସ୍ୱୀକାର କରିଦେଲେ । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-303-304, ବଜ୍‌ମେ ଇକ୍‌ବାଲ୍ ଲାହୋର୍)(ଅସ୍ ସିରତୁଲ୍ ହଲବିୟାହ୍, ଭାଗ-3, ପୃ-170, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 2002 ମସିହା) (ଇସାବା, ଭାଗ-2, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍-1995 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, କେତେକ ବର୍ଣ୍ଣନାନୁଯାୟୀ ସଫ୍‌ୱାନ୍ ମନରେ ଏହା ଭାବି ଆସିଥିଲା ଯେ, ଏପରି ହୁଅନ୍ତା କି ଆମଙ୍କୁ ମୁହମ୍ମଦ୍ ସ.ଅଙ୍କୁ ହତ୍ୟା କରିବାର ଅବସର ମିଳିଯାଆନ୍ତା କିମ୍ବା ବିରୋଧୀଙ୍କ ଶତ୍ରୁ ମୁହମ୍ମଦ ସ.ଅଙ୍କ ସୈନ୍ୟବାହିନୀକୁ ପରାସ୍ତ କରିଦେଉ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ୱାଦ୍, ଭାଗ-5, ପୃ-321, ଫି ଗଜୱତୁତ୍ ତାଇଫି, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1993 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, କିନ୍ତୁ ସେହି ଯୁଦ୍ଧରେ ହିଁ ତା'ର ଅର୍ଥାତ୍ ସଫ୍‌ୱାନ୍‌ର ମନ ପରିବର୍ତ୍ତନ ହେବାକୁ ଲାଗିଲା ଏବଂ ଯେତେବେଳେ ମାଲେ ଗନିମତ୍ ବଣ୍ଟା ହେଉଥିଲା ଓ ସଫ୍‌ୱାନ୍ ଯେତେବେଳେ ଆସିଲା ସେତେବେଳେ ଆପଣ ସ.ଅ ସଫ୍‌ୱାନ୍‌କୁ 100ଟି ଓଟ ପ୍ରଦାନ କଲେ । କେବଳ ସେତିକି ନୁହେଁ ବରଂ ସହି ମୁସଲିମ୍‌ର ବର୍ଣ୍ଣନାନୁଯାୟୀ ଆପଣ ସ.ଅ 300 ଓଟ ପ୍ରଦାନ କଲେ । ସେହିପରି ଅନ୍ୟ ଏକ ବର୍ଣ୍ଣନାରେ ଉଲ୍ଲେଖ ରହିଛି ଯେ, ସେହି ଦିନମାନଙ୍କରେ ନବୀ କରୀମ୍ ସ.ଅ ଏକ ଘାଟି ଦେଇ ଅତିକ୍ରମ କଲେ । ସେହି ଘାଟିରେ ମାଲେ ଗନିମତ୍ ଏବଂ ଛେଳୀ ମେଣ୍ଢା ଓ ଓଟ ଦ୍ୱାରା ପରିପୂର୍ଣ୍ଣ ଥିଲା । ସଫ୍‌ୱାନ୍ ଏତେ ବିପୁଳ ପରିମାଣର ଧନକୁ ଦେଖି ଆଶ୍ଚର୍ଯ୍ୟଚକିତ ହୋଇ ଯେତେବେଳେ ଦେଖିବାକୁ ଲାଗିଲା ସେତେବେଳେ ଆପଣ ସ.ଅ କହିଲେ, ହେ ଅବୁ ୱହବ୍ ! ଏହା ସଫ୍‌ୱାନ୍‌ଙ୍କ ଗୋତ୍ର ଥିଲା । ତୋତେ ଉକ୍ତ ଘାଟି ଆଶ୍ଚର୍ଯ୍ୟଚକିତ କରିଦେଇଛି ? ସଫ୍‌ୱାନ୍ କହିଲା ଆଜ୍ଞା ହଁ । ଆପଣ ସ.ଅ କହିଲେ, ହେ ସଫ୍‌ୱାନ୍ ! ଆଜିଠୁ ଏହି ସମସ୍ତ ଧନ ତୁମର ହେଲା। ତୁମେ ନେଇନିଅ ଏହି ଧନକୁ । ସଫ୍‌ୱାନ୍ ସହସା କହି ଉଠିଲା । ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ମୁଁ ସାକ୍ଷ୍ୟ ଦେଉଛି ଯେ, ଆପଣ ସ.ଅ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ଅଟନ୍ତି। କାରଣ ଆପଣ ସ.ଅଙ୍କୁ ଛାଡ଼ି ଦେଲେ ଏପରି ଦାନ ଅନ୍ୟ କୌଣସି ଅବତାର କରିପାରିବ ନାହିଁ । ଅନ୍ୟ ଏକ ବର୍ଣ୍ଣାନନୁଯାୟୀ ସଫ୍‌ୱାନ୍ ବିନ୍ ଉମୈୟାହ୍ ସ୍ୱୟଂ ବର୍ଣ୍ଣନା କରନ୍ତି ଯେ, ଆପଣ ସ.ଅ ମୋତେ ହୁନୈନ୍ ଯୁଦ୍ଧର ମାଲେ ଗନିମତ୍ ଦେଇ ଚାଲିଲେ । ଏହାର ପରିଣାମ ଏହା ହେଲା ଯେ, ଆପଣ ସ.ଅ ମୋତେ ସମସ୍ତ ଜୀବ ଜଗତ ଓ ତଥା ମନୁଷ୍ୟ ଜାତିମାନଙ୍କ ମଧ୍ୟରୁ ସର୍ବାଧିକ ପ୍ରିୟ ବ୍ୟକ୍ତିତ୍ୱ ବୋଲି ପ୍ରତୀୟମାନ ହେଉଥିଲେ । ଅର୍ଥାତ୍ ଆପଣ ମୋତେ ସମସ୍ତ ପ୍ରାଣୀଜଗତଣ ଅପେକ୍ଷା ସର୍ବାଧିକ ପ୍ରିୟ ହୋଇଗଲେ (ଭଲ ଲାଗିଲେ) । ଅତଏବ୍ ଆପଣ ସ.ଅ ଆରବର ବିଭିନ ଅଧିପତିମାନଙ୍କୁ ମାଲେ ଗନିମତ୍ ପ୍ରଦାନ କରି ଚାଲିଲେ । ସେହି ସମସ୍ତ ଅଧିପତିମାନଙ୍କ ସଂଖ୍ୟା 50ରୁ ଉର୍ଦ୍ଧ ବୋଲି ବର୍ଣ୍ଣନା କରାଯାଇଛି । **(ସହି ମୁସ୍‌ଲିମ୍, କିତାବୁଲ୍ ଫଜାଇଲି, ବାବ୍-ଫି ସଖାଓତି, ବର୍ଣ୍ଣନା ସଂଖ୍ୟା-2313) (ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ, ଭାଗ-4, ପୃ-21, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1996 ମସିହା) (ସବ୍‌ଲୁଲ୍ ହୁଦା ୱର୍ ରଶ୍ୱାଦ୍, ଭାଗ-5, ପୃ-396, ଫି ଗଜୱତୁତ୍ ତାଇଫି, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1993 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଏତଦ୍‌ପରେ ଆଁହଜରତ ସ.ଅ ହ. ଜୈଦି ବିନ୍ ସାବିତ୍ ର.ଅଙ୍କୁ ଅନ୍ୟ ଲୋକମାନଙ୍କୁ ଡାକିବା ନିମନ୍ତେ ଆଦେଶ ଦେଲେ । ଆପଣ ସ.ଅ କହିଲେ, ମୁଁ ସମସ୍ତ ଲୋକମାନଙ୍କ ମଧ୍ୟରେ ମାଲେ ଗନିମତ୍ ବାଣ୍ଟିଦେବି । ସୁତରାଂ ଆପଣ ସ.ଅ ମାଲେ ଗନିମତ୍ ବାଣ୍ଟିଲେ । ପ୍ରତ୍ୟେକ ବ୍ୟକ୍ତିଙ୍କ ଭାଗରେ 4ଟି ଲେଖାଏଁ ଓଟ ଓ 40ଟି ଲେଖାଏଁ ଛେଳୀ ପଡ଼ିଲା । ଅତଏବ୍ ଏହିପରି ଭାବରେ ଆପଣ ସ.ଅ ସେହି ସମସ୍ତ ମାଲେ ଗନିମତ୍ ଯାହାକି ଏପର୍ଯ୍ୟନ୍ତର ସର୍ବବୃହତ୍ ମାଲେ ଗନିମତ୍ ଥିଲା ତାହା ଆପଣ ସ.ଅ ସମସ୍ତ ଲୋକମାନଙ୍କ ମଧ୍ୟରେ ବାଣ୍ଟିଦେଲେ। **(ଶରହୁଜ୍ ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍‌ନିୟାହ, ଭାଗ-4, ପୃ-27, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, 1996 ମସିହା)(ହୁନୈନ୍ ଯୁଦ୍ଧ, ଲେଖକ- ବାଶମିଲ୍, ପୃ-217, 273-270, ନଫିସ୍ ଏକାଡେମୀ) (ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-289, 323, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ଜୀବନୀର ଏହି ପକ୍ଷ ବିଚାରଯୋଗ୍ୟ ଅଟେ ଯେ, ବିରୋଧୀମାନେ ଆପଣ ସ.ଅଙ୍କ ଉପରେ ଏବଂ ଆପଣ ସ.ଅଙ୍କ ଯୁଦ୍ଧ ସଂପର୍କରେ ଏହି ଦୋଷାରୋପଣ କରନ୍ତି ଯେ, ଯେହେତୁ ମୁସଲମାନମାନେ ଧନ ଏବଂ ଅର୍ଥାଭାବରୁ ବଞ୍ଚିତ ଥିଲେ ସେଇଥି ପାଇଁ ଯୁଦ୍ଧ ଆରମ୍ଭ କରାଗଲା । ଯଦି ଉକ୍ତ କଥାରେ ଟିକିଏ ବି ସତ୍ୟତା ଥାଆନ୍ତା ତେବେ ହୁନୈନ୍ ଯୁଦ୍ଧର ମାଲେ ଗନିମତ୍‌ର ବଣ୍ଟନ ଅନ୍ୟ ପ୍ରକାରର ହୋଇଥାଆନ୍ତା । କିନ୍ତୁ ଏଠାରେ ଆମେମାନେ ଏହା ଦେଖିବାକୁ ପାଉ ଯେ, ମାଲେ ଗନିମତ୍ (ଯୁଦ୍ଧରୁ ପ୍ରାପ୍ତ ଧନରତ୍ନ)ର ଏକ ବୃହତ ଅଂଶ ଲୋକମାନଙ୍କ ମନରେ ଆନ୍ତରୀକତା ଓ ପୃଷ୍ଠପୋଷକତ୍ୱ ସୃଷ୍ଟି କରିବା ନିମନ୍ତେ ପ୍ରଦାନ କରାଗଲା । **(ଅସ୍ ସିରତୁନ୍ ନବୀ, ଲେଖକ-ଶିବ୍‌ଲୀ ନୁମାନୀ, ଭାଗ-1, ପୃ-396, ଭାଗ-4, ପୃ-247, ମକ୍‌ତବା ଇସ୍‌ଲାମୀୟାହ୍, 2012 ମସିହା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, କେବଳ କୁରେଶ୍‌ମାନଙ୍କର ଧନାଢ୍ୟ ଓ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ମଧ୍ୟ ମାଲେ ଗନିମତ୍ ପ୍ରଦାନ କରାଯାଇ ନାହିଁ । ବରଂ କେତେକ ବର୍ଣ୍ଣନାନୁଯାୟୀ ସମସ୍ତ ଧନ ଅନ୍ୟ ଲୋକମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା । କିନ୍ତୁ ସଂସାର ଦେଖିନେଲା ଯେ, ଆପଣ ସ.ଅ ନିଜ ପାଇଁ କିଛି ବି ରଖିଲେ ନାହିଁ । ବରଂ କେତେକ ବର୍ଣ୍ଣନାନୁଯାୟୀ ଯେଉଁ ବିବରଣୀ ଆଗକୁ ଆସିବ ତାହା ଏହିପରି ଯେ, ଆଁହଜରତ ସ.ଅ ନିଜର ପ୍ରାଣୋତ୍ସର୍ଗୀ ସାଥିମାନଙ୍କୁ ଅର୍ଥାତ୍ ମଦିନାରେ ଅନ୍‌ସାରମାନଙ୍କୁ ମଧ୍ୟ ଉକ୍ତ ମାଲେ ଗନିମତରୁ କିଛି ବି ଦେଲେ ନାହିଁ । ଆଁହଜରତ ସ.ଅ ହୁନୈନ୍ ଯୁଦ୍ଧ ପରେ କୁରୈଶ୍‌ମାନଙ୍କୁ ଧନ ସମ୍ପତ୍ତି ପ୍ରଦାନ କରିବାରେ ଏକ ରହସ୍ୟ ସଂପର୍କରେ ବର୍ଣ୍ଣନା କରି କହିଲେ, إِنِّي أُعْطِي قُرَيْشًا أَتَأَلَّفُهُمْ، لِأَنَّهُمْ حَدِيثُ عَهْدٍ بِجَاهِلِيَّةٍ ଅର୍ଥାତ୍ ମୁଁ କୁରୈଶ୍‌ମାନଙ୍କୁ ଧନ ସମ୍ପତ୍ତି ତଥା ମାଲେ ଗନିମତ୍ ପ୍ରଦାନ କରି ସେମାନଙ୍କର ପୃଷ୍ଠପୋଷକତା (ମନ ଜିଣିବାକୁ) କରିବାକୁ ଚାହୁଁଛି । କାରଣ ଅବିଶ୍ୱାସକାରୀତା ସହିତ ସଂପର୍କ ଛିନ୍ନ କରିବାକୁ ସେମାନଙ୍କୁ ଅଧିକ ସମୟ ହୋଇ ନାହିଁ । ସେମାନଙ୍କର ବିଶ୍ୱାସ ଏତେ ଦୃଢ ହୋଇ ନାହିଁ । **(ସହୀ ବୁଖାରୀ, କିତାବୁ ଫର୍ଜି ଖମସି, ବାବ୍-ମା କାନନ୍ ନବୀୟୁ ସ.ଅ ୟୁତିଲ୍ ମୁୱଲ୍ଲଫତା କୁଲୁବୁହୁମ୍......ହଦିସ୍ ନଂ-3146)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବୁଖାରୀର ଆଉ ଏକ ବର୍ଣ୍ଣନା ରହିଛି ଯେ, ଆପଣ ସ.ଅ କହିଲେ, إِنَّ قُرَيْشًا حَدِيثُ عَهْدٍ بِجَاهِلِيَّةٍ وَمُصِيبَةٍ، وَإِنِّي أَرَدْتُ أَنْ أَجْبُرَهُمْ وَأَتَأَلَّفَهُمْ

**(ସହୀ ବୁଖାରୀ, କାତୁବୁଲ୍ ମୁଗାଜି, ବାବ୍- ଗଜୱା ଅଲ୍ ତାଇଫୁ 4334)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, କୁରୈଶ୍‌ମାନଙ୍କର ଅବଜ୍ଞତା ଏବଂ ବିନାଶର ନୂତନ ଯୁଗ ଅତିକ୍ରାନ୍ତ ହୋଇଛି । ମୋର ଅଭିପ୍ରାୟ ସେମାନଙ୍କର ଯେଉଁ କ୍ଷତି ହୋଇଛି ତାହାର କ୍ଷତିପୂରଣ ଏବଂ ସେମାନଙ୍କୁ ସନ୍ତୁଷ୍ଟ ତଥା ତୃପ୍ତ କରିବା ଅଟେ । ପୁନଶ୍ଚ ଏଥି ସଂକ୍ରାନ୍ତରେ ବାଣ୍ଟିବାରେ ଯେଉଁ ରହସ୍ୟାତ୍ମକା ପନ୍ଥା ଅବଲମ୍ବନ କରାଗଲା ଏବଂ କୃପାର ଏପରି କଲ୍ୟାଣମୂଳକ ପ୍ରଭାବ ସମ୍ମୁଖକୁ ଆସିଲା ଯେ, ସେହି କୁରୈଶ୍‌ମାନେ ଯେଉଁମାନେ ପୂର୍ବେ ଆପଣ ସ.ଅଙ୍କ ରକ୍ତ ପିପାସୁ ଥିଲେ ବର୍ତ୍ତମାନ ସମଗ୍ର ପୃଥିବୀରେ ସେମାନଙ୍କ ନିମନ୍ତେ ସର୍ବାଧିକ ପ୍ରିୟ ଏବଂ ପ୍ରିୟତମ ବସ୍ତୁ ଆଁହଜରତ ସ.ଅ ହିଁ ହୋଇଗଲେ । ସେହି ଅବିଶ୍ୱାସକାରୀ କୁରେଶ୍‌ମାନେ ଯେଉଁମାନେ ପୂର୍ବେ ଇସ୍‌ଲାମ୍ ଧର୍ମକୁ ସମାପ୍ତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ କରୁଥିଲେ ସେମାନେ ବର୍ତ୍ତମାନ ଇସଲାମ୍ ଓ ଆଁହଜରତ ସ.ଅଙ୍କ ସୁରକ୍ଷା ନିମନ୍ତେ ନିଜର ପ୍ରାଣକୁ ଉତ୍ସର୍ଗ କରିବା ନିମନ୍ତେ ପ୍ରସ୍ତୁତ ହୋଇଗଲେ । ସେମାନଙ୍କ ମଧ୍ୟରୁ ଅନେକ ଲୋକ ଏପରି ଥିଲେ ଯେ, ସେମାନେ ପରବର୍ତ୍ତୀ ସମୟରେ ଇସ୍‌ଲାମୀୟ ଯୁଦ୍ଧରେ ଶାହାଦତ୍ (ବୀରଗତି ପ୍ରାପ୍ତ) ପ୍ରାପ୍ତ କରି ଶହୀଦ୍ ଆସନରେ ଆସୀନ ହେଲେ ଏବଂ ସେହି ସମସ୍ତ ଲୋକମାନଙ୍କର ଇସ୍‌ଲାମ୍ ସର୍ବୋତ୍କୃଷ୍ଟ ଇସଲାମ୍ ଧର୍ମ ସାବ୍ୟସ୍ତ ହେଲା । **(ଦାଏରାହ୍ ମାଆରିଫ୍, ସିରତ୍ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ, ଭାଗ-9, ପୃ-298-299, ବଜ୍‌ମେ ଇକ୍‌ବାଲ୍ ଲାହୋର୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଇତ୍ୟବସରରେ କେତେକ କପଟବିଶ୍ୱାସୀମାନେ ମାଲେ ଗନିମତ୍ ବଣ୍ଟନ ଉପରେ ଆପତ୍ତି କରି ଘୃଷ୍ଟତା ଏବଂ ଅସମ୍ମାନ ପ୍ରଦର୍ଶନ ମଧ୍ୟ କରିଛନ୍ତି ଏବଂ ଆପଣ ସ.ଅଙ୍କ ଉପରେ ଲାଞ୍ଛନ ପ୍ରୟୋଗ କରିଛନ୍ତି ଯେ, **ନାଉଜୁବିଲ୍ଲାଃ** ଆପଣ ସ.ଅ ନ୍ୟାୟ ଏବଂ ସମାନତାକୁ ଅବଲମ୍ବନ କରି ନାହାନ୍ତି ଓ ଆପଣ ସ.ଅ ଈଶ୍ୱରଙ୍କ ପ୍ରସନ୍ନତାନୁଯାୟୀ ମଧ୍ୟ କାମ କରି ନାହାନ୍ତି ।

ଯେତେବେଳେ ରସୁଲ୍ଲାଃ ସ.ଅ ଏକଥା ଶୁଣିଲେ ସେତେବେଳେ ଆପଣ ସ.ଅଙ୍କ ପବିତ୍ର ମୁଖମଣ୍ଡଳ ବିବର୍ଣ୍ଣ (ଲାଲ୍ ହୋଇଗଲା ଅର୍ଥାତ୍ ଆପଣ ସ.ଅ ରାଗିଗଲେ) ଏବଂ


**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُونِ

(ଅଜ୍ ଜାରିୟାତ୍: 57)

ଅନୁବାଦ୍: ଏବଂ ଆମ୍ଭେ ଜିନ୍ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।

ତାଲିବେ ଦୁଆ: Akhtara Begum & Family, B.D.A, Bhubaneshwar (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرَىٰ تَنْفَعُ الْمُؤْمِنِينَ

(ଅଜ୍ ଜାରିୟାତ୍: 56)

ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ-ଲାଭ ଦେଇଥାଏ ।

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar & Jamila Sahiba, Jamat Ahmadiya Kotpalla (Odisha)

କହିଲେ, ହେ ଲୋକମାନେ ଯଦି ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହ ନ୍ୟାୟ ପ୍ରଦର୍ଶନ କରିବେ ନାହିଁ ତେବେ କିଏ ଅଛି ଯିଏ ନ୍ୟାୟ ପ୍ରଦର୍ଶନ କରିବ ? ପୁନଶ୍ଚ ଆପଣ ସ.ଅ କହିଲେ, ଅଲ୍ଲାଃତାଲା ମୋର ଭାଇ ହ. ମୁସା ଅ.ସଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ। ହ. ମୁସା ଅ.ସଙ୍କୁ ମଧ୍ୟ ବହୁତ ଦୁଃଖ କଷ୍ଟ ଓ ନିର୍ଯାତନା ଦିଆଯାଇଥିଲା ଏବଂ ସେ ଏହି ସମସ୍ତ ଦୁଃଖ କଷ୍ଟକୁ ମୁଣ୍ଡ ପାତି ସହ୍ୟ କରି ନେଇଥିଲେ । ସେହିପରି ଆଉ ଜଣେ ବ୍ୟକ୍ତି ଯାହାର ନାମ ଜୁଲ୍ ଖୁୱୈସର୍ ଥିଲା । ସେ ଆପଣ ସ.ଅଙ୍କ ପାଖରେ ଛିଡ଼ା ହୋଇଥିଲା। ସେ କହିବାକୁ ଲାଗିଲା ଯେ, ହେ ମୁହମ୍ମଦ୍ ସ.ଅ ! ଆପଣ ସ.ଅ ଆଜି ଯାହା କରିଛନ୍ତି ସବୁ ମୁଁ ଦେଖିଅଛି । ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ଆଛା କ'ଣ ତୁମେ ଆଜି କ'ଣ ଦେଖିଛ । ସେ କହିବାକୁ ଲାଗିଲା ଯେ, ହେ ମୁହମ୍ମଦ୍ ସ.ଅ ! ଆପଣ ନ୍ୟାୟ ଅବଲମ୍ବନ କରି ନାହାନ୍ତି । ଆପଣ ସ.ଅ କହିଲେ, ତୋର ଅମଙ୍ଗଳ ହେଉ ରେ ବ୍ୟକ୍ତି ! ହେ ବ୍ୟକ୍ତି ! ଯଦି ମୋ ପାଖରେ ନ୍ୟାୟ ନାହିଁ ତେବେ କାହା ପାଖରେ ନ୍ୟାୟ ଅଛି ? କାହା ଠାରୁ ନ୍ୟାୟ ପ୍ରାପ୍ତ ହେବ । ପ୍ରତ୍ୟୁତ୍ତରରେ ହ. ଉମର୍ ର.ଅ ଏବଂ ହ. ଖାଲିଦ୍ ବିନ୍ ୱଲିଦ୍ ର.ଅ ଛିଡ଼ା ହେଲେ ଏବଂ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯଦି ଆପଣ ସ.ଅ ଆଦେଶ ଦେବେ ତେବେ ଆମେ ଉକ୍ତ ବ୍ୟକ୍ତିର ସ୍କନ୍ଧଚ୍ୟୁତ କରିଦେବୁ । ପ୍ରତ୍ୟୁତ୍ତରର ରସୁଲୁଲ୍ଲାଃ ସ.ଅ କହିଲେ, ନା ନା । ସମ୍ଭବତଃ ଏହି ବ୍ୟକ୍ତି ନମାଜ ପାଠ କରୁଥିବ ଅବା ନୁହେଁ ଯେ, ମୁଁ ଏହି ସନ୍ଦେହରେ କି ଏହି ବ୍ୟକ୍ତି ନମାଜ ପାଠ କରୁ ନାହିଁ ବୋଲି ସେହି ବ୍ୟକ୍ତିର ସ୍କନ୍ଧ କରି ଦେବି ନା ନା ଏହା ସଂପୂର୍ଣ୍ଣ ଭୁଲ୍ କଥା ଅଟେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଜିକାଲି ମୁସଲମାନମାନଙ୍କର ପ୍ରତିକ୍ରିୟାକୁ ଦେଖନ୍ତୁ ଯେ, ସେମାନଙ୍କର ପ୍ରତିକ୍ରିୟା କିପରି ରହିଛି । ପ୍ରତ୍ୟୁତ୍ତରରେ ହ. ଖାଲିଦ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ କୌଣସି ନମାଜ ପାଠକାରୀ ବ୍ୟକ୍ତି ଏମିତି କଥା କହି ପାରିବ ଯାହା ତା' ମନରେ ନଥିବ ? ଆପଣ ସ.ଅ କହିଲେ, ହେ ଖାଲିଦ୍ ! ମୋତେ ଏହି ଆଦେଶ ଦିଆଯାଇ ନାହିଁ ଯେ, ମୁଁ ଲୋକମାନଙ୍କର ହୃଦୟକୁ ଚିରିକି ଦେଖିବି ଯେ, କିଏ ନମାଜ୍ ପାଠକାରୀ ବ୍ୟକ୍ତି ଓ କିଏ ନୁହଁ ?

ହୁଜୁର ଅନ୍ୱର୍ ଅ.ବ କହିଲେ, ଆପଣ ସ.ଅ ଏହା ମଧ୍ୟ କହିଲେ ଯେ, ଏହି ବ୍ୟକ୍ତି ଓ ତା'ର ସାଥିମାନେ ପବିତ୍ର କୁରଆନ୍ କରୀମ୍ ଏପରି ପାଠ କରିବେ ଯେ, ତାହା ସେମାନଙ୍କର କଣ୍ଠ ତଳକୁ ଖସିବ ନାହିଁ । ଅର୍ଥାତ୍ ସହଜରେ ଏମାନେ ପବିତ୍ର କୁରଆନ୍ ଏବଂ ଅଲ୍ଲାଃତାଲାଙ୍କ ଆଦେଶକୁ ଓ ନ୍ୟାୟ ଗ୍ରହଣ କରିପାରିବେ ନାହିଁ । ଏମାନଙ୍କର ବିଶ୍ୱାସ ପୃଷ୍ଠସ୍ଥ (ଉପର ଠଉରିଆ) ବିଶ୍ୱାସ ଅଟେ ଏବଂ ଏମାନେ ଧର୍ମରୁ ଏପରି ବାହାରିଯିବେ (ଓହୋରିଯିବେ) ଯେପରି ଧନୁଷରୁ ତୀର ବାହାରି ଯାଇଥାଏ ଓ ତୀର ଯାଇ ଶିକାରର ପେଟକୁ ଚିରି ଏପଟରୁ ସେପଟକୁ ବାହାରି ଯାଇଥାଏ । ଅର୍ଥାତ୍ ତୀର ଉପରେ ରକ୍ତ ଛିଟା (ରକ୍ତର ଚିହ୍ନ) ମଧ୍ୟ ହୋଇ ନଥାଏ । ତୁମେମାନେ ସେମାନଙ୍କର ନମାଜ୍ ଏବଂ ସେମାନଙ୍କର ରୋଜା ତୁଳନାରେ ଯଦି ନିଜର ରୋଜାକୁ ତୁଚ୍ଛ ତଥା ହେୟ ବୋଲି ମନେକରିବ । ଅର୍ଥାତ୍ ସେହି କପଟ ବିଶ୍ୱାସୀମାନେ ପ୍ରକାଶ୍ୟ ରୂପେ ଲମ୍ବା ଲମ୍ବା (ଦୀର୍ଘ) ଏବଂ ନିୟମିତ ନମାଜ ପାଠକାରୀ ବ୍ୟକ୍ତି ରୂପେ ପରିଗଣିତ ହେବେ ତଥା ରୋଜା (ଓଷା ବ୍ରତାଦି) ରଖିବାରେ ମଧ୍ୟ ଅଭିଳାଷୀ ହେବେ । କିନ୍ତୁ ସେମାନଙ୍କର ବିଶ୍ୱାସ ପ୍ରକୃତ ବିଶ୍ୱାସ ହେବ ନାହିଁ । **(ସବ୍‌ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଭାଗ-5, ପୃ-404-405, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, ବୈରୁତ୍, 1993 ମସିହା) (ଅସ୍ ସିରତୁଲ୍ ହଲବିୟାହ୍, ଭାଗ-3, ପୃ-173-174, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 2002 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଅନେକ ମୁସଲମାନମାନଙ୍କର କର୍ମ ତଥା କୃତ୍ୟ ଏବଂ ବିଶେଷ କରି ଯେଉଁମାନେ ନିଜକୁ ବିଦ୍ୱାନ୍ ବୋଲାଉଛନ୍ତି ସେମାନଙ୍କର କର୍ମ ଏବଂ କୃତ୍ୟକୁ ଆମେମାନେ ଅବଲୋକନ କରିଥାଉ ଯେ, ଏମାନେ ଉପରୋକ୍ତରେ ବର୍ଣ୍ଣିତ ହଦିସ୍ ଅନୁଯାୟୀ ଆଚରଣ ପ୍ରଦର୍ଶ କରୁଛନ୍ତି । ଆଁହଜରତ ସ.ଅ ବହୁ ପୂର୍ବେ ଏହି ଭବିଷ୍ୟବାଣୀ କରି ଦେଇଥିଲେ । ବ୍ୟାଖ୍ୟାକାରମାନେ ବର୍ଣ୍ଣନା କରନ୍ତି ଯେ, ଏହି ବ୍ୟକ୍ତି (ଜୁଲ୍ ଖୁୱୈସର୍) ପରିଶେଷରେ ଖୱାରିଜ୍‌ର ସଂସ୍ଥାପକମାନଙ୍କ ମଧ୍ୟରୁ ଅନ୍ୟତମ ବ୍ୟକ୍ତି ସାବ୍ୟସ୍ତ ହେଲା । ଏହି ଗୋଷ୍ଠୀ ହ. ଅଲୀ ର.ଅଙ୍କ କାଳରେ ସାମ୍ନାକୁ ଆସିଲା ଏବଂ ପୁଣି ହ. ଅଲୀ ର.ଅ ସେମାନଙ୍କ ବିରୁଦ୍ଧରେ ଜିହାଦ୍ କଲେ । ଯେପରି ଆଁହଜରତ୍ ଏହି ଲୋକମାନଙ୍କ ସଂପର୍କରେ ବର୍ଣ୍ଣନା କରିଥିଲେ, ଏହି ଲୋକମାନେ ସେହିପରି ବାହାରିଲେ । **(ଉମ୍‌ଦତୁଲ୍ କାରି, ଭାଗ-15, ପୃ-15, ପୃ-345, ଦାରେ ଅହୟାଉତ୍ ତୁରାସ୍, 2003 ମସିହା) (ଇର୍ଶାଦୁସ୍ ସାରିୟୁ ଲିଶରହି ସହୀହୁଲ୍ ବୁଖାରୀ, ଭାଗ-6, ପୃ-159, ଦାରୁଲ୍ ଫିକର୍-2010 ମସିହା)**

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, "ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଦୁଲ୍ ଖୁୱୈସ୍ର ନାମକ ଜଣେ ବ୍ୟକ୍ତି ରସୁଲୁଲ୍ଲାଃ ସ.ଅଙ୍କ ନିକଟକୁ ଆସିଲା ଏବଂ ସେ କହିଲା, ହେ ମୁହମ୍ମଦ୍ ସ.ଅ ! ଆପଣ ସ.ଅ ଆଜି ଯାହା କଲେ ତାହା ମୁଁ ଦେଖିଅଛି ଯେ, ଆପଣ ଆଜି ଅନ୍ୟାୟ ଓ ଅତ୍ୟାଚାର କରିଛନ୍ତି । ଆପଣ ଆଜି ନ୍ୟାୟ ପନ୍ଥାକୁ ଅବଲମ୍ବନ କରି ନାହାନ୍ତି । **ନାଊଜୁବିଲ୍ଲାଃ ।** ପ୍ରତ୍ୟୁତ୍ତରରେ ଆପଣ ସ.ଅ କହିଲେ, ହେ ହତଭାଗ୍ୟ ବ୍ୟକ୍ତି ! ହେ ବ୍ୟକ୍ତି ! ଯଦି ମୁଁ ନ୍ୟାୟ କରି ନାହିଁ ତେବେ ଏହି ସଂସାରରେ କିଏ ସେହି ବ୍ୟକ୍ତି ଯିଏ ନ୍ୟାୟ ପ୍ରଦର୍ଶନ କରିବ? ଅତଏବ୍ ସାହାବାମାନେ ସେତେବେଳେ ଉତକ୍ଷିପ୍ତ ହୋଇ ଛିଡ଼ା ହୋଇପଡ଼ିଲେ ଏବଂ ଯେତେବେଳେ ଏହି ବ୍ୟକ୍ତି ଅର୍ଥାତ୍ ଦୁଲ୍ ଖୁୱୈସ୍ର୍ ମସ୍‌ଜିଦରୁ ଉଠିକି ଗଲା ସେତେବେଳେ ଲୋକମାନଙ୍କ ମଧ୍ୟରେ କେତେକ ଲୋକମାନେ କହିଲେ, ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଉକ୍ତ ବ୍ୟକ୍ତି ସ୍କନ୍ଧଚ୍ୟୁତ ଯୋଗ୍ୟ ଅଟେ । କ'ଣ ଆପଣ ସ.ଅ ଆମମାନଙ୍କୁ ଏଥି ନିମନ୍ତେ ଅନୁମତି ପ୍ରଦାନ କରିବା ଯେ, ଆମେମାନେ ଉକ୍ତ ବ୍ୟକ୍ତିର ସ୍କନ୍ଧଚ୍ୟୁତ କରିଦେବୁ ? ହୁଜୁର ଅନ୍ୱର୍ ଅ.ବ କହିଲେ, ବର୍ତ୍ତମାନ ଆପଣମାନେ ଦେଖି ନିଅନ୍ତୁ ଯେ, ଏହି ବ୍ୟକ୍ତି ଜଣକ ଆପଣ ସ.ଅଙ୍କ ଅବତାରତ୍ୱର ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବା ଏବଂ ଆପଣ ସ.ଅଙ୍କ ଅବତାରତ୍ୱ ସଂପର୍କରେ ଏଣୁତେଣୁ ବାଯ୍ୟ କଥା କହିବା ସତ୍ତ୍ୱେ ମଧ୍ୟ ଆପଣ ସ.ଅ ତା'ର ସଂହାର କଲେ ନାହିଁ । ଅତଏବ୍ ଯେଉଁମାନେ ତୌହିନେ ରିସାଲତ୍ (ଆଁହଜରତ ମର୍ଯ୍ୟାଦା କ୍ଷୁର୍ଣ୍ଣ) ସଂପର୍କରେ ବଡ଼ ବଡ଼ କଥା କୁହନ୍ତି ସେମାନେଙ୍କୁ ଉପରୋକ୍ତ ହଦିସ୍‌କୁ ମଧ୍ୟ ଦେଖିନେବା ଉଚିତ୍ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ଯଦି ଏହି ବ୍ୟକ୍ତି ଆଇନ୍ କାନୁନ୍‌ର ନିୟମାନୁବର୍ତ୍ତୀ ତେବେ ଆମେମାନେ ଏହି ବ୍ୟକ୍ତିକୁ କିପରି ମାରି ପାରିବୁ । ଅର୍ଥାତ୍ ଯିଏ ଆମମାନଙ୍କର ଆଇନ୍ କାନୁନ୍ ପରିସର ମଧ୍ୟରେ ରହି ଆଇନ୍ କାନୁନ୍ ନିୟମାନୁବର୍ତ୍ତୀ ଓ ଆଇନ୍‌କୁ ମାନିଥାଏ ଆମେ ସେହି ବ୍ୟକ୍ତିକୁ କିପରି ମାରି ପାରିବୁ ? ଅର୍ଥାତ୍ ଯିଏ ଆମ ଆଇନ୍‌ର ନିୟମାନୁବର୍ତ୍ତୀ ଅଟେ ତେବେ ଠିକ୍ ଅଛି ସେହି ବ୍ୟକ୍ତିକୁ ମାରିବାର କୌଣସି ଆବଶ୍ୟକତା ନାହିଁ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସାହାବାମାନେ ହୁନୈନ୍ ଯୁଦ୍ଧ ପରେ ଜଣେ ଆପତ୍ତିକାରୀ କପଟବିଶ୍ୱାସୀ ବ୍ୟକ୍ତି ସଂପର୍କରେ କହିଲେ, "ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଜଣେ ବ୍ୟକ୍ତି ପ୍ରକାଶ୍ୟ ରୂପେ କହୁଛି ଗୋଟେ କଥା କିନ୍ତୁ କରୁଛି ଆଉ ଗୋଟେ କଥା। ମନରେ ଗୋଟେ କଥା ପାଟିରେ ଗୋଟେ କଥା । ତେବେ କ'ଣ ଏପରି ବ୍ୟକ୍ତି ଦଣ୍ଡ ବା ଶାସ୍ତି ପାଇବାର ଅଧିକାରୀ ଅଟେ କି ? "ପ୍ରତ୍ୟୁତ୍ତରରେ ରସୁଲ୍ଲାଃ ସ.ଅ କହିଲେ, "ଅଲ୍ଲାତାଲା ମୋତେ ଏହି ଆଦେଶ ଦେଇ ନାହାନ୍ତି ଯେ, ମୁଁ ଲୋକମାନଙ୍କୁ ସେମାନଙ୍କ ମନ ଭିତରେ ଥିବା ଧାରଣା ବା ଚିନ୍ତାଧାରା ଅନୁଯାୟୀ ସେମାନଙ୍କ ପ୍ରତି ଆଚରଣ ପ୍ରଦର୍ଶନ କରିବି । ମୋତେ ତ' ଏହି ଆଦେଶ ଦିଆଯାଇଛି ଯେ, ମୁଁ ଲୋକମାନଙ୍କ ସହିତ ସେମାନଙ୍କର ପ୍ରକାଶ୍ୟଗତ ଅବସ୍ଥା ଅନୁଯାୟୀ ହିଁ ଆଚରଣ (ବ୍ୟବହାର) ପ୍ରଦର୍ଶନ କରିବି । ଆପଣ ସ.ଅ ପୁନଶ୍ଚ କହିଲେ, ହେ ସାହାବାମାନେ ଏହି ବ୍ୟକ୍ତି ଓ ତା'ର ସାଥିମାନେ ଦିନେ ନା ଦିନେ ଇସ୍‌ଲାମ୍ ଧର୍ମ ବିରୁଦ୍ଧରେ ଅବଶ୍ୟ ବିଦ୍ରୋହ କରିବେ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଁହଜରତ ସ.ଅ କହିଲେ, "ହେ ସାହାବାମାନେ! ହଁ ମୁଁ ଏକଥା କହି ଦେବାକୁ ଚାହୁଁଛି ଯେ, ମୁଁ ବର୍ତ୍ତମାନ ଏହି ବ୍ୟକ୍ତିକୁ ତ' କୌଣସି ଶାସ୍ତି ଦେଉ ନାହିଁ । କିନ୍ତୁ ଏହି ବ୍ୟକ୍ତି ଓ ତା'ର ସାଥିମାନେ ନିଶ୍ଚିତ ବିଦ୍ରୋହ କରିବେ । ଯେତେବେଳେ ଏହି ଧର୍ମଦ୍ରୋହୀ ବିଦ୍ରୋହୀମାନେ ବିଦ୍ରୋହ କରିବେ ସେତେବେଳେ ସେମାନେ ନିଜର କୃତ୍ୟ ଯୋଗୁଁ ଅବଶ୍ୟ ଦଣ୍ଡିତ ହେବେ । ସୁତରାଂ ହ. ଅଲୀ ର.ଅଙ୍କ ଶାସନ କାଳରେ ଏହି ବ୍ୟକ୍ତି ଓ ସେହି ବିଦ୍ରୋହୀ ସଂପ୍ରଦାୟର ଅର୍ଥାତ୍ ବିଦ୍ରୋହୀମାନଙ୍କର ଅଧିପତି ଥିଲା । ସେ ହ. ଅଲୀ ର.ଅଙ୍କ ବିରୁଦ୍ଧରେ ବିଦ୍ରୋହ କଲା ଏବଂ ଏହି ସଂପ୍ରଦାୟ ଖୱାରିଜ୍ ନାମରେ ଅଭିହିତ ହେଲା ।"

**(ଦିବାଚା ତଫସିରୁଲ୍ କୁରଆନ୍, ଅନୱାରୁଲ୍ ଉଲୁମ୍, ଭାଗ-20, ପୃ-358)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଅବଶିଷ୍ଟାଂଶ ପରବର୍ତ୍ତୀ ଖୁତ୍‌ବାରେ ଆଲୋଚନା କରିବି । ଇନ୍‌ଶାଅଲ୍ଲାଃ । **(ଅଲ୍ ଫଜଲ୍ ଇଣ୍ଟରନ୍ୟାସନଲ୍, 2025 ମସିହା, ଅକ୍ଟୋବର ମାସ 10 ତାରିଖ, ପୃ- 2-7)**

☆--☆--☆

## ପୃ-12ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 09-02-2024 ଅବଶିଷ୍ଟାଂଶ....

ତାଙ୍କ ପାଖରେ ଆସି ପହଞ୍ଚିଗଲେ ଏବଂ ବସି ପଡ଼ିଲେ । ସେ ଉକ୍ତ ସାହାବିଙ୍କର ଅବସ୍ଥା ପଚାରି ବୁଝିଲେ ଏବଂ କହିଲେ, ହେ ଭାଇ ! କ'ଣ କିଛି ସନ୍ଦେଶ ରହିଛି କି ଯାହା ଆପଣ ନିଜର ସ୍ତ୍ରୀ, ସନ୍ତାନ ଓ ସଂପର୍କୀୟମାନଙ୍କୁ ଦେବାକୁ ଚାହୁଁଛନ୍ତି । ସେହି ସାହାବି କହିଲେ, ହଁ ମୁଁ ଏହି ଅପେକ୍ଷାରେ ଥିଲି ଯେ, କେହି ମୁସଲମାନ ବ୍ୟକ୍ତି ମୋତେ ମିଳୁ ଓ ମୁଁ ତା' ହାତରେ ଖବର ପଠାଇ ଦେବି ।

ଆପଣ ର.ଅ କୁହନ୍ତି ଯେ, ପ୍ରତ୍ୟେକ ବ୍ୟକ୍ତି ଏକଥା ଜାଣେ ଯେ, ମୃତ୍ୟୁର ସମୟଟି ଅତି ଭୟଙ୍କର ହୋଇଥାଏ । ଯେତେବେଳେ ମନୁଷ୍ୟ ମୃତ୍ୟୁବରଣ କରିବାକୁ ଲାଗେ ସେତେବେଳେ ସେହି ସମୟଟି ଅତ୍ୟନ୍ତ କଷ୍ଟ ଦାୟକ ହୋଇଥାଏ । ମୃତ୍ୟୁବରଣ କରୁଥିବା ବ୍ୟକ୍ତିର ଏହି ଅଭିଳାଷା ହୋଇଥାଏ ଯେ, ତାକୁ ଯଦି ଆଉ କିଛି ମିନିଟ୍ ସମୟ ମିଳିଗଲା ତେବେ ସେ ନିଜର ସ୍ତ୍ରୀ, ପିଲାଛୁଆ, ଭାଇ ଭଉଣୀଙ୍କ ସହିତ ଆଉ କିଛି କଥାବାର୍ତ୍ତା କରିନେବ । ସେମାନଙ୍କ ନିମନ୍ତେ କିଛି ଓସିୟତ୍ କରିଦେବ । କିନ୍ତୁ ସେହି ସାହାବି ଜଣକ ନିଜର ସ୍ତ୍ରୀ ଓ ସନ୍ତାନ ପାଖରେ ନଥିଲେ ଏବଂ ଘରେ ମଧ୍ୟ ନଥିଲେ, ସେହି ସାହାବି ଜଣକ ଚକିତ୍ସାଳୟରେ କୌଣସି କୋମଳ ଶେଯ ଉପରେ ଶୋଇ ନଥିଲେ । ବରଂ ପଥୁରିଆ ଭୂମି ଉପରେ ଆହତ ଓ କ୍ଷତାକ୍ତ ଅବସ୍ଥାରେ ପଡ଼ି ରହିଥିଲେ । କିନ୍ତୁ ଏଭଳି ପରିସ୍ଥିତିରେ ମଧ୍ୟ ସେ ଏହି ସନ୍ଦେଶ ଦେଲେ ନାହିଁ ଯେ, ମୋର ସ୍ତ୍ରୀ ପିଲା ଛୁଆଙ୍କ ସଲାମ୍ କହିଦେବ ଏବଂ ସ୍ତ୍ରୀକୁ କହିଦେବ ଯେ, ସେ ମୋ ସନ୍ତାନର ଭଲ ଭାବରେ ଲାଳନ ପାଳନ କରୁ କିମ୍ବା ମୋର ସମ୍ପତ୍ତି ଏପରି ବଣ୍ଟା ହେଉ ଏବଂ ଅମକ ସ୍ଥାନରେ ମୋର ସମ୍ପତ୍ତି ରହିଛି ତାହାକୁ ନେଇନିଅ । ସେହି ସାହାବି ଜଣକ ଧନାଢ୍ୟ ବ୍ୟକ୍ତି ଥିଲେ । କେବଳ ସେତିକି ନୁହେଁ ବରଂ ସେ କହିଲେ, ହେ ବ୍ୟକ୍ତି ! ତୁମେ ମୋର ସନ୍ତାନମାନଙ୍କୁ ଏବଂ **(ଅବଶିଷ୍ଟାଂଶ.ପୃ-10ରେ)**

## ପୃ-09ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 09-02-2024 ଅବଶିଷ୍ଟାଂଶ

ମୋର ଭାଇମାନଙ୍କୁ ଏହି ସନ୍ଦେଶ ଦେଇ ଦେବ ଯେ, ମୁହମ୍ମଦ ସ.ଅ ତୁମମାନଙ୍କ ପାଖରେ ଏକ ଅମୂଲ୍ୟ ନିଧି ଅଟନ୍ତି । ମୋ ଶରୀରରେ ଯେପର୍ଯ୍ୟନ୍ତ ବଳ ତଥା ଶକ୍ତି ରହିଥିଲା ସେପର୍ଯ୍ୟନ୍ତ ମୁଁ ଉକ୍ତ ଶକ୍ତିକୁ ବିନିଯୋଗ କରି ସେହି ଅମୂଲ୍ୟ ନିଧି ଅର୍ଥାତ୍ ଅମାନତ୍ (ସନ୍ତକ)କୁ ରକ୍ଷା କଲି । ବର୍ତ୍ତମାନ ମୁଁ ନିଜର ଆତ୍ମୀୟ ସ୍ୱଜନ, ଭାଇମାନଙ୍କୁ ଏବଂ ନିଜର ସନ୍ତାନମାନଙ୍କୁ ମୋର ଅନ୍ତିମ ସମୟରେ ଏହି ଓସିୟତ୍ କରୁଛି ଯେ, ସେମାନେ ମଧ୍ୟ ନିଜର ପ୍ରାଣର ସହିତ ଓ ସହୃଦୟରସହିତ ସେ ମହାନିଧି ଅର୍ଥାତ୍ ଆଁହଜରତ ସ.ଅଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ । ଅତଏବ୍ ଏତିକି କହି ସେହି ସାହାବିଙ୍କର ପ୍ରାଣବାୟୁ ଉଡ଼ିଗଲା। **(ଖୁତ୍‌ବାତେ ମହମୁଦ୍, ଭାଗ-23, ପୃ-45-46, ଖୁତ୍‌ବା ଜୁମା, ପ୍ରଦତ୍ତ-30 ଜାନୁୟାରୀ, 1942 ମସିହା)**

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଆମମାନଙ୍କ ମଧ୍ୟରେ ବି ଆଁହଜରତ ସ.ଅଙ୍କ ପ୍ରତି ଥିବା ପ୍ରେମ ଓ ଆନ୍ତରୀକତାମୂଳକ ଆତ୍ମା ସୃଷ୍ଟି କରନ୍ତୁ । **ଆମିନ୍** । ଯେତେବେଳେ ଏହି ମନୋଭାବ ସୃଷ୍ଟି ହେବ ସେତେବେଳେ ଅଲ୍ଲାଃତାଲାଙ୍କ ସହିତ ସଂପର୍କ ସ୍ଥାପନ କରିବାରେ ମଧ୍ୟ ଆମେମାନେ ଅଗ୍ରସର ହେବୁ ଓ ନିଜର ଦୁର୍ବଳତାକୁ ଦୂରୀଭୂତ କରିବା ନିମନ୍ତେ ମଧ୍ୟ ପ୍ରକୃତ ରୂପେ ଆମେମାନେ ଉଦ୍ୟମ କରିବୁ । କାରଣ ଆମମାନଙ୍କୁ ସଠିକ୍ ଇସ୍‌ଲାମୀୟ ଶୈଳୀ ନିଜର ଉପାସନାମାନଙ୍କରେ, ନିଜର ଚରିତ୍ରରେ, ନିଜର ଅଭ୍ୟାସରେ ମଧ୍ୟ ସୃଷ୍ଟି କରିବା ଉଚିତ୍ । ଏଥି ନିମନ୍ତେ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ ବିୟୋଗ ହୋଇଥିବା କେତେକ ମୃତକମାନଙ୍କର ଉତ୍ତମ ଚର୍ଚ୍ଚା କରିବି ଓ ନମାଜ୍ ଜୁମା ପରେ ସେହି ମୃତକମାନଙ୍କର ନମାଜ୍ ଯନାଜାଃ ପାଠ କରାଇବି । ଅତଏବ୍ ସେହି ମୃତକମାନଙ୍କ ମଧ୍ୟରୁ ପ୍ରଥମ ମୃତକ ହେଲେ, ୟମନ୍‌ର ପ୍ରଥମ ଶହୀଦ୍ ଅହମଦି ସ୍ୱର୍ଗତ ଡାକ୍ତର ମନ୍‌ସୁର୍ ଅହମଦ୍ ଶବୁତୀ ସାହେବ । ସ୍ୱର୍ଗତ ଡାକ୍ତର ମନ୍‌ସୁର୍ ଅହମଦ୍ ଶବୁତୀ ସାହେବ ଅସୀରେ ରାହେ ମୌଲା ଥିଲେ । ଅଲ୍ଲାଃତାଲାଙ୍କ ମାର୍ଗରେ ଆପଣଙ୍କୁ ବନ୍ଦୀ ହେବାର ସୌଭାଗ୍ୟ ଅର୍ଜନ ହୋଇଥିଲା । ଅହମଦିୟତ୍ ଯୋଗୁଁ ତାଙ୍କୁ ଗିରଫ କରାଯାଇଥିଲା । ବନ୍ଦୀ ଥିବା ଅବସ୍ଥାରେ ଜାନୁୟାରୀ ମାସ 26 ତାରିଖ ଦିନ 63 ବର୍ଷ ବୟସରେ ଆପଣଙ୍କର ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଡାକ୍ତର ଶବୁତୀ ସାହେବ ଯେହେତୁ ଜଣେ ଅହମଦି ଥିଲେ ସହି କାରଣରୁ ତାଙ୍କୁ ଗିରଫ କରି ବନ୍ଦୀ କରି ରଖା ଯାଇଥିଲା ଏବଂ ତାଙ୍କୁ ସେଠାରେ ସଠିକ୍ ଚିକିତ୍ସା ମିଳିଲା ନାହିଁ ଏବଂ ତାଙ୍କ ପ୍ରତି ଅସଦାଚରଣ ମଧ୍ୟ ହୋଇଥିବ । ସେ ଯାହା ହେଉ ଯେଉଁ ବିବରଣୀ ହସ୍ତଗତ ହୋଇଛି ତାହା ସ୍ୱଚ୍ଛ ଅଟେ । ଅଏତବ୍ ବନ୍ଦୀ ଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ସେଇଥି ପାଇଁ ଆପଣ ଶହୀଦ୍ ରୂପେ ବିବେଚିତ ହେବେ । ଏହି ଦୃଷ୍ଟିରୁ ଆପଣ ୟମନ୍‌ର ପ୍ରଥମ ଶହୀଦ୍ ଅଟନ୍ତି ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ସ୍ୱର୍ଗତ ମନ୍‌ସୁର୍ ଶବୁତୀ ସାହେବଙ୍କ ଶୋକ ସନ୍ତପ୍ତ ପରିବାରବର୍ଗ ମଧ୍ୟରେ ବୃଦ୍ଧା ମାତା ଏବଂ ପତ୍ନିଙ୍କ ବ୍ୟତୀତ ଦୁଇଟି ପୁତ୍ର ସନ୍ତାନ ଯଥା ଐମନ୍ ଓ ବିଲାଲ୍ ଅଛନ୍ତି । ସ୍ୱର୍ଗତଙ୍କ ଭାଇ ନାସିର୍ ଶବୁତୀ ସାହେବ ଅଟନ୍ତି। ସେ ଏଠାରେ ଅର୍ଥାତ୍ ଲଣ୍ଡନ୍‌ରେ ବାସ କରନ୍ତି । ନାସିର୍ ଶବୁତୀ ସାହେବ କୁହନ୍ତି: "ତାଙ୍କ ଭାଇଙ୍କର ପାର୍ଥିବ ଶରୀର ଫେବୃୟାରୀ ମାସ 1 ତାରିଖ ଦିନ ତାଙ୍କର ଅର୍ଥାତ୍ ସ୍ୱର୍ଗତ ମନ୍‌ସୁର ଅହମଦ ସାହେବଙ୍କୁ ହସ୍ତାନ୍ତର କରାଯାଇଥିଲା । କିନ୍ତୁ ଯେହେତୁ ସେଠାରେ ସମସ୍ତ ଅହମଦିମାନଙ୍କୁ ପ୍ରଶାସନ ଜେଲ୍‌ରେ ବନ୍ଦୀ ରଖିଛି । ତେଣୁ ସ୍ୱର୍ଗତ ମନ୍‌ସୁର୍ ଶବୁତୀ ସାହେବଙ୍କର ଯନାଜାଃ ସେଠାକାର ଅଣଅହମଦି ଲୋକମାନେ ପାଠ କରିଥିଲେ ଏବଂ ଅଣଅହମଦିମାନେ ହିଁ ତାଙ୍କୁ କବର ଦେଇଥିଲେ। ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ ପୁନଶ୍ଚ ନାସିର୍ ଶବୁତୀ ସାହେବ କୁହନ୍ତି ଯେ, ତାଙ୍କର ଦଦା ଅବ୍‌ଦୁଲ୍ଲାଃ ମୁହମ୍ମଦ ଉସ୍‌ମାନ୍ ଶବୁତୀ ୟମନ୍‌ର ପ୍ରଥମ ୟମନୀୟ ଅହମଦି ଥିଲେ। ଡାକ୍ତର ମନ୍‌ସୁର ଶବୁତୀ ସାହେବଙ୍କର ପିତାଶ୍ରୀ ମହ୍‌ମୁଦ୍ ଅବ୍‌ଦୁଲ୍ଲାଃ ଶବୁତୀ ସାହେବ ୟମନ୍‌ରେ ପ୍ରଥମ ଶାହିଦ ମୁବଲ୍ଲିଗ୍ ଥିଲେ । ସ୍ୱର୍ଗତଙ୍କ ମାତାଶ୍ରୀ ଶାହରୁଖ୍ ନସ୍ରୀନ୍ ସାହେବା ରବ୍‌ୱାର ସୟେଦ୍ ବଶୀର୍ ଅହମଦ୍ ଶାହ୍ ସାହେବ ଓ ରବ୍‌ୱାର ଫର୍ଖ ଖାନମ୍ ସାହେବାଙ୍କର ସପୁତ୍ରୀ ଅଟନ୍ତି । ଫର୍ଖ ଖାନମ୍ ସାହେବା ଜୁନୁଦ୍ ବଂଶର ସଦସ୍ୟା ଅଟନ୍ତି। ତାଙ୍କୁ ନିଜର ମାତାଶ୍ରୀ ହଲିମା ବାନୋ ସାହେବା ଏବଂ ଭାଇ ସୟଦ୍ ହାଜି ଜୁନୁଦୁଲ୍ଲାଃ ସାହେବଙ୍କର ସହିତ ଆଁହଜରତ ସ.ଅଙ୍କ ଏହି ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା ଯେ, ଯେତେବେଳେ ଇମାମ୍ ମେହ୍‌ଦୀ ଆସିବେ ସେତେବେଳେ ତୁମେମାନେ ବୈଅତ୍ କରିବ । ଯଦି ତୁମମାନଙ୍କୁ ଗୁରୁଣ୍ଡି ଗୁରୁଣ୍ଡି ଯିବାକୁ ପଡ଼େ ତେବେ ମଧ୍ୟ ତୁମେମାନେ ମେହ୍‌ଦୀଙ୍କର ବୈଅତ୍ କରିବ। ସୁତରାଂ ଏହି ଲୋକମାନେ କାଶ୍‌ଗର ମଧ୍ୟ ଦେଇ ବରଫ ପାହାଡ଼ ଉପରେ ଚାଲି ଚାଲି କାଦିୟାନ୍ ଆସିଲେ ଏବଂ ବୈଅତ୍ କଲେ । ମନ୍‌ସରୁ ଶବୁତୀ ସାହେବଙ୍କ ମାତା ସେହି ବଂଶର ସଦସ୍ୟା ଥିଲା ଯେଉଁମାନେ ବରଫ ଉପରେ ଚାଲି ଚାଲି ଆସିଥିଲେ ସେହି ପ୍ରତିନିଧି ଦଳଙ୍କ ମଧ୍ୟରେ ତାଙ୍କର ଆଈ ମଧ୍ୟ ସାମିଲ୍ ଥିଲେ ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ସ୍ୱର୍ଗତ ମନ୍‌ସରୁ ସାହେବ ଶହୀଦଙ୍କ ଶାହାଦତ୍ ସଂପର୍କରେ ତାଙ୍କର ସୁପୁତ୍ର ବିଲାଲ୍ ଶବୁତୀ ସାହେବ ଉଲ୍ଲେଖ କରନ୍ତି ଯେ, ସିକ୍ୟୁରିଟି ଫୋର୍ସେଜ୍ ଆମ ଘରେ ଜୋର ଜବରଦସ୍ତ ପଶିଗଲେ ଏବଂ ପିତାଶ୍ରୀଙ୍କୁ ଧକ୍କା ଦେଲେ । ପିତାଶ୍ରୀଙ୍କ ଛାତିରେ ବନ୍ଧୁକ ରଖିଦେଲେ । ପୁନଶ୍ଚ ମୋତେ ଏବଂ ପିତାଶ୍ରୀଙ୍କୁ ଯେତେବେଳେ ନେଇଯିବାକୁ ବଳାଗିଲେ ସେତେବେଳେ ପିତାଶ୍ରୀ କହିଲେ, ଦେଖ ! ତୁମେମାନେ ମୋତେ ମାରିବ ତ' ମାରିଦିଅ । କିନ୍ତୁ ମୋର ପୁତ୍ରକୁ ନେଇକି ଯାଆନା । ଯେତେବେଳେ ସ୍ୱର୍ଗତ ମନ୍‌ସୁର୍ ସାହେବଙ୍କ ଯନାଜାଃ ପାଠ କରାଯାଇଥିଲା ସେତେବେଳେ ତାଙ୍କର 16 ବର୍ଷୀୟ ଅହମଦି ପୁତ୍ର ମଧ୍ୟ ସାମିଲ୍ ହୋଇଥିଲା ଏବଂ ଆଉ କୌଣସି ଅହମଦି ବ୍ୟକ୍ତି ସ୍ୱର୍ଗତଙ୍କ ଯନାଜାଃରେ ସାମିଲ୍ ନଥିଲେ । ସେ ଯାହା ହେଉ ସେହି ସୈନିକମାନେ ପିତାଶ୍ରୀଙ୍କ ଠାରୁ ପଇସା ଛଡ଼ାଇ ନେଲେ ଏବଂ କହିଲେ, ତୁମକୁ ବାହାରୁ କେହି ପଇସା ପଠାଉଛି । ପିତାଶ୍ରୀ କହିଲେ, ମୋତେ ବାହାରୁ କେହି ଟଙ୍କା ପଇସା ପଠାଉ ନାହିଁ । ମୁଁ ନିଜସ୍ୱ ଉଦ୍ୟମ ତଥା ଶ୍ରମ ବଳରେ ଏହି ଅର୍ଥୋପାର୍ଜନ କରିଛି ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଅଣ ଅହମଦି ବିଦ୍ୱାନ୍‌ମାନେ ଏହି ଭ୍ରମ ଧାରଣା ସବୁଠି ସୃଷ୍ଟି କରିଛନ୍ତି ଯେ, ନାଉଜୁବିଲ୍ଲାଃ ଆମେମାନେ ପାଶ୍ଚାତ୍ୟ ଶକ୍ତି (ଦେଶମାନଙ୍କ) ଠାରୁ ଟଙ୍କା ପଇସା ନେଇ ଖାଉଛୁ । ଆମମାନଙ୍କର ଏଜେଣ୍ଡା ଇସ୍‌ଲାମ୍ ଧର୍ମ ବିରୋଧୀ ଅଟେ । କିନ୍ତୁ ପ୍ରତ୍ୟେକ ଅହମଦି ସ୍ୱୟଂ ଆର୍ଥିକ ବଳିଦାନ କରି ଇସ୍‌ଲାମ୍ ଧର୍ମର ବାର୍ତ୍ତାକୁ ସଂସାରରେ ପହଞ୍ଚାଉଛି ଏବଂ ମାନବତାର ସେବା କରୁଅଛି । ସେ ଯାହା ହେଉ ଏହାର ଅବଶିଷ୍ଟାଂଶ ବିବରଣୀ ଅତି ଦୀର୍ଘ ରହିଛି ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଏହାପରେ ମୁଁ ସ୍ୱର୍ଗତ ମନ୍‌ସୁର୍ ଶବୁତୀ ସାହେବଙ୍କ ପତ୍ନି ସଂପର୍କରେ ବର୍ଣ୍ଣନା କରିବି । ଅର୍ଥାତ୍ ସ୍ୱର୍ଗତ ମନ୍‌ସୁର ଶବୁତୀ ସାହେବ ମୋତେ ଏକ ସନ୍ଦେଶ ପ୍ରେରଣ କରିଥିଲେ। ସେହି ସନ୍ଦେଶକୁ ମୁଁ ଏଠାରେ ବର୍ଣ୍ଣନା କରି ଦେଉଛି। ମହୋଦୟା କୁହନ୍ତି ଯେ, ସେ ଅର୍ଥାତ୍ ବନ୍ଦୀ କରିଥିବା ସୈନିକମାନେ ମୋତେ ସେହି ସ୍ଥାନ ଦେଖାଇଲେ ଯେଉଁଠି ମୋ ସ୍ୱାମୀଙ୍କୁ ବନ୍ଦୀ କରି ରଖାଯାଇଥିଲା । ସେମାନେ କହିଲେ, ମୋ ସ୍ୱାମୀ ଅନେକ ସମୟରେ ଉକ୍ତ ସ୍ଥାନରେ ନମାଜ୍ ପାଠ କରୁଥିଲେ ଏବଂ ନିଜ ନମାଜରେ କାନ୍ଦୁଥିଲେ । ସେ ଅତିରିକ୍ତ କହିଲେ ଯେ, ଡାକ୍ତର ସାହେବଙ୍କ ଯେଉଁ କାରଣରୁ ବିୟୋଗ ହୋଇଥିଲା ସେହି କାରଣଟି ହେଲା ଡାକ୍ତର ସାହେବଙ୍କ ଉପରେ ଏହି ଆରୋପ ଲାଗିଥିଲା ଯେ, ଡାକ୍ତର ସାହେବଙ୍କୁ କୁଆଡ଼େ ବ୍ରିଟେନ୍‌ରୁ ଟଙ୍କା ପଇସା ଆସୁଥିଲା । ସେ ହି ଅର୍ଥକୁ ଡାକ୍ତର ମନ୍‌ସୁର ଶବୁତୀ ସାହେବ Milita ଫୋର୍ସେଜ୍ ପ୍ରସ୍ତୁତ କରିବା ନିମନ୍ତେ ଖର୍ଚ୍ଚ କରୁଥିଲେ । ଏହିପରି ସ୍ୱର୍ଗତଙ୍କ ଉପରେ ମିଥ୍ୟାରୋପ ଲାଗିଥିଲା । କିନ୍ତୁ ତଦନ୍ତରୁ ଜଣା ପଡ଼ିଲା ଉକ୍ତ ଆରୋପଟି ସଂପୂର୍ଣ୍ଣ ରୂପେ ନିରାଧାରା ଓ ଭୁଲ୍ ଅଟେ । ଆରୋପ ଭୁଲ୍ ବୋଲି ବାହାରିଲା । ପ୍ରଶାସନ କହିଲା ଆମେ ମନ୍‌ସୁର୍ ଶବୁତୀ ସାହେବଙ୍କୁ ଛାଡ଼ିବାକୁ ବାହାରିଥିଲୁ କି ସେ ବହୁତ୍ ଚିନ୍ତିତ ଓ ବିବ୍ରତ ହୋଇ ପଡ଼ିଲେ । ଫଳତଃ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଗଲା। ସେ ଯାହା ହେଉ ଏହା ସେମାନଙ୍କର ବିବୃତି ଅଟେ ଯାହାକୁ ସେମାନେ ତାଙ୍କର ପତ୍ନିକୁ କହିଥିଲେ। ସମ୍ଭବତଃ ହାଇ କମାଣ୍ଡଙ୍କ ଯେଉଁ ବ୍ୟବହାର ରହିଥିଲା ତାହା ଅନ୍ୟ ପ୍ରକାରର ଥିଲା ଏବଂ ତଳିଆ କର୍ମଚାରୀଙ୍କ ଆଚରଣ ଅନ୍ୟ ଏକ ପ୍ରକାରର ହୋଇଥାଏ । ସେହି ତଳିଆ କର୍ମଚାରୀମାନେ ମନମୁଖୀ କାର୍ଯ୍ୟ କରିଥାଆନ୍ତି । ସେମାନଙ୍କର ଏହି କ୍ରୁରତା ଯୋଗୁଁ ସ୍ୱର୍ଗତ ମନ୍‌ସୁର ଶବୁତୀ ସାହେବଙ୍କର ସ୍ୱାସ୍ଥ୍ୟାବସ୍ଥା ଉପରେ କୁପ୍ରଭାବ ପଡ଼ିଥିଲା । ଫଳତଃ ସ୍ୱର୍ଗତ ମନସୁର୍ ଶବୁତୀ ସାହେବଙ୍କର ଅକାଳ ବିୟୋଗ ହୋଇଥିଲା ।

ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ସେ ଯାହା ହେଉ ସ୍ୱର୍ଗତ ମନ୍‌ସୁର୍ ଶବୁତୀଙ୍କ ଭାଇ ନାସିର୍ ଶବୁତୀ ସାହେବ ନିଜ ଭାଇଙ୍କ ଜୀବନୀ ସଂପର୍କରେ ବର୍ଣ୍ଣନା କରି କୁହନ୍ତି ଯେ, ମୋ ଭାଇ ଡାକ୍ତର ମନ୍‌ସୁର୍ ଶବୁତୀ ସାହେବ ଅତ୍ୟନ୍ତ ଦୟାଳୁ ଏବଂ ଶୁଭେଚ୍ଛୁ ଭାଇ ଥିଲେ । ପାଠ ପଢାରେ ସେ ବହୁତ ଚତୁର ଥିଲେ, ସମଗ୍ର **(ଅବଶିଷ୍ଟାଂଶ...ପୃ-11ରେ)**

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

**(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )**

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

## ଇଚ୍ଛୁକ ଓ ଆଗ୍ରହୀ ପ୍ରାର୍ଥୀମାନେ ଦୟାକାରି ଧ୍ୟାନ ଦିଅନ୍ତୁ !
## ନିଜାମତ୍ ତାମିରାତ୍ (ନିର୍ମାଣ ବିଭାଗ) କାଦିୟାନରେ ଜଣେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଆବଶ୍ୟକତା ରହିଛି ।

**ସର୍ତ୍ତାବଳୀ/ଶିକ୍ଷାଗତ ଯୋଗ୍ୟତା ଓ ଅଭିଜ୍ଞତା :**

(1) ପ୍ରାର୍ଥୀଙ୍କୁ 18 ବର୍ଷରୁ କମ୍ ବୟସ ହୋଇ ନଥିବା ଉଚିତ୍ ଏବଂ 50 ବର୍ଷରୁ ଅଧିକ ବୟସ ହୋଇ ନଥିବ (ପରିସ୍ଥିତିକୁ ଧ୍ୟାନରେ ରଖି ଜରୁରୀ କାଳୀନ ସ୍ଥିତିରେ ବିଚାର କରାଯାଇ ପାରିବ) ।

(2) ପ୍ରାର୍ଥୀ ଜଣକ ଇଲେକ୍ଟ୍ରିକାଲ ଫିଲ୍ଡ଼ରେ ପ୍ରମାଣ ପତ୍ର କିମ୍ବା Trade Qualification (ଉଦାହରଣ ସ୍ୱରୂପ କଳା, ବାଣିଜ୍ୟ ଆଦି ସଂସ୍ଥାନରୁ ଭୋକେସନାଲ ସ୍କୁଲରୁ) ପ୍ରାପ୍ତ କରିଥିବା ଉଚିତ୍ ।

(3) ପ୍ରାର୍ଥୀ ନିକଟରେ ଇଲେକ୍ଟ୍ରିକାଲ୍ ସୁପରଭାଇଜରର ଲାଇସେନସ୍ ହୋଇଥିବା ଉଚିତ୍ ।

(4) ପ୍ରାର୍ଥୀ ନିକଟରେ ଅତିରିକ୍ତ ସାର୍ଟିଫିକେଟ୍ ଯଥା- Safety Certificate, First Aid/CPR Training, Certificate Of HV/LV Switching Operations ହେବା ଉଚିତ୍ ।

(5) ପ୍ରାର୍ଥୀଙ୍କୁ ଅନ୍ତତଃ ଇଲେକ୍ଟ୍ରିକାଲ ଇନଷ୍ଟଲେସନ, ମରାମତି କିମ୍ବା ପ୍ରୋଜେକ୍ଟ ୱାର୍କରେ 2 ବର୍ଷ ବ୍ୟବହାରିକ ଅଭିଜ୍ଞତା ରହିଥିବା ଉଚିତ୍ ।

(6) ପ୍ରାର୍ଥୀଙ୍କୁ ସୁପରଭାଇଜର କିମ୍ବା Lead Technician Roleର ଅତି କମରେ 1 ବର୍ଷର ଅଭିଜ୍ଞତା ରହିଥିବା ଉଚିତ୍ ।

(7) ପ୍ରାର୍ଥୀଙ୍କୁ Industrial electrical systems,Control panels,Switchgear,Power Distribution Systems,Wiring and Conduit Systemsର କାର୍ଯ୍ୟର ଅଭିଜ୍ଞତା ରହିଥିବା ଉଚିତ୍ ।

(8) ପ୍ରାର୍ଥୀ Electricians କିମ୍ବା Techniciansର ଟିମକୁ ମ୍ୟାନେଜ୍ (ପରିଚାଳନା) କରିବାର ଅଭିଜ୍ଞତା ରହିଥିବା ଉଚିତ୍ ।

(9) ପ୍ରାର୍ଥୀଙ୍କୁ ନିକଟରେ ଇଲେକ୍ଟ୍ରିକାଲ୍ Codes ଏବଂ ସୁରକ୍ଷା ସ୍ତରର ଗଭୀର ଅବବୋଧ (ବୁଝିବା, ଧାରଣା) ରହିଥିବା ଉଚିତ୍ ।

(10) ପ୍ରାର୍ଥୀଙ୍କୁ ନିକଟରେ ଇଲେକ୍ଟ୍ରିକାଲ୍ Drawings ଓ Blueprints ପାଠ କରିବାର ଦକ୍ଷତା ରହିଥିବା ଉଚିତ୍ ।

(11) ପ୍ରାର୍ଥୀ ଇଲେକ୍ଟ୍ରିକାଲ୍ ସମସ୍ୟାକୁ ଅତି ସହଜରେ Troubleshooting କରିପାରୁଥିବା ଉଚିତ୍ ।

(12) ପ୍ରାର୍ଥୀ ନିକଟରେ ଭାଷା, ଯୋଗାଯୋଗ ଦକ୍ଷତା ଏବଂ ଟିମ୍ ଲିଡ଼ରଶିପରେ ଅଭିଜ୍ଞ ଓ ପାରଙ୍ଗମ ହୋଇଥିବା ଉଚିତ୍ ।

(13) ପ୍ରାର୍ଥୀ ସୁସ୍ଥ ହୋଇଥିବା ଉଚିତ୍ । ପ୍ରାର୍ଥୀଙ୍କର ଧାର୍ମିକ ଏବଂ ଚାରିତ୍ରିକ ଅବସ୍ଥା ଉତ୍ତମ ହୋଇଥିବା ଉଚିତ୍ ଏବଂ କାମ କଲାବାଲା ସହକର୍ମୀଙ୍କ ସହିତ ନମ୍ରତା ପ୍ରଦର୍ଶନ କରୁଥିବା ଉଚିତ୍ ।

**ଆବଶ୍ୟକୀୟ ମାର୍ଗଦର୍ଶିକା ବା ନିର୍ଦ୍ଦେଶାବଳୀ :**

(1) ସାପ୍ତାହିକ ବଦରରେ ଉକ୍ତ ଘୋଷଣାର ଶେଷ ଘୋଷଣାର 2 ମାସ ମଧ୍ୟରେ ଯେଉଁ ଆବେଦନଗୁଡ଼ିକ କାର୍ଯ୍ୟାଳୟରେ ହସ୍ତଗତ ହେବ ସେହି ଆବେଦନଗୁଡ଼ିକ ଉପରେ ହିଁ ବିଚାର କରାଯିବ ।

(2) ଇଚ୍ଛୁକ ପ୍ରାର୍ଥୀମାନେ ନିଜ ନିଜର ଆବେଦନ ପ୍ରକାଶିତ ଆବେଦନ ଫର୍ମ ପୂରଣ କରି ଜିଲ୍ଲା ଅମୀର/ସ୍ଥାନୀୟ ଅମୀର/ସଦର୍ ଜମାଅତ୍/ମୁବଲ୍ଲିଗ୍ ଇନଚାର୍ଜଙ୍କ ଦ୍ୱାରା ପୁଷ୍ଟିଗତ ଦସ୍ତଖତ ଏବଂ ମୋହର ସହିତ କାର୍ଯ୍ୟାଳୟକୁ ପ୍ରେରଣ କରନ୍ତୁ ।

(3) ଇଣ୍ଟରଭ୍ୟୁ (ସାକ୍ଷାତ୍କାର)ରେ କୃତକାର୍ଯ୍ୟ ହେବା ସ୍ଥଳେ ପ୍ରାର୍ଥୀଙ୍କୁ ନୂର୍ ହସ୍ପିଟାଲ୍ କାଦିୟାନ୍‌ଙ୍କ ଦ୍ୱାରା ଡାକ୍ତରୀ ପରୀକ୍ଷା କରାଇବାକୁ ପଡ଼ିବ । ଯେଉଁ ପ୍ରାର୍ଥୀ ନୁର୍ ହସ୍ପିଟାଲ୍‌ଙ୍କ ମେଡ଼ିକାଲ କର୍ତ୍ତୃପକ୍ଷ ବୋର୍ଡ଼ଙ୍କ ଅନୁଯାୟୀ ସୁସ୍ଥ ଏବଂ ସ୍ୱାସ୍ଥ୍ୟବାନ୍ ବିବେଚିତ ହେବେ କେବଳ ସେହି ପ୍ରାର୍ଥୀମାନେ ହିଁ ସେବା କରିବା ନିମନ୍ତେ ଯୋଗ୍ୟ ବିବେଚିତ ହେବେ ।

(4) କାଦିୟାନ୍ ଯିବା ଆସିବା ନିମନ୍ତେ ବାଟ ଖର୍ଚ୍ଚ ଓ ମେଡ଼ିକାଲ୍ ସାର୍ଟିଫିକେଟର ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।

(5) ଇଣ୍ଟରଭ୍ୟୁ ସମୟରେ ପ୍ରାର୍ଥୀଙ୍କୁ ନିଜର ଶିକ୍ଷାଗତ ଯୋଗ୍ୟତାର ସମସ୍ତ ସାର୍ଟିଫିକେଟ୍ ନିଜ ସାଙ୍ଗରେ ଆଣିବା ଆବଶ୍ୟକ ଅଟେ ।

**ନୋଟ୍:** ଇଣ୍ଟରଭ୍ୟୁର ତାରିଖ ସହିତ ପ୍ରାର୍ଥୀଙ୍କୁ ପରବର୍ତ୍ତୀ ସମୟରେ ଜଣାଇ ଦିଆଯିବ ।

**ଅଧିକ ତଥ୍ୟ ଜାଣିବା ପାଇଁ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରନ୍ତୁ**

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହମଦିୟା କାଦିୟାନ୍, ଗୁର୍ଦାସପୁର, ପଞ୍ଜାବ, ପିନ୍ କୋଡ୍-143516, ମୋବାଇଲ୍ ନଂ: 9682587713 ,9888232530, 9682627592, କାର୍ଯ୍ୟାଳୟ: 01872-501130
Email:diwan@qadian.in

## ପୃ-10ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 09-02-2024 ଅବଶିଷ୍ଟାଂଶ....

ଦେଶରେ ସେ ପ୍ରଥମ ଦଶଜଣ ଛାତ୍ରଙ୍କ ମଧ୍ୟରେ ସ୍ଥାନ ପାଇଥିଲେ । ସ୍ୱର୍ଗତଙ୍କୁ ସରକାରଙ୍କ ପକ୍ଷରୁ ପୁରସ୍କାର ମଧ୍ୟ ଦିଆଯାଇଥିଲା । ସ୍ୱର୍ଗତ ଭାଇ ମହୋଦୟ ପାଞ୍ଚବେଳା ନମାଜ, ନମାଜେ ତହଜ୍ଜୁଦ୍ ଓ ଫଜର୍ ନମାଜ ପାଠରେ ନିୟମାନୁବର୍ତ୍ତୀ ଥିଲେ । ନିୟମିତ ରୂପେ ନମାଜ୍ ପାଠ କରୁଥିଲେ ଓ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ କରୁଥିଲେ । ଭାଇ ଚାନ୍ଦା ପୈଠ କରିବାରେ ମଧ୍ୟ ନିୟମାନୁବର୍ତ୍ତୀ ଥିଲେ । ସଂପର୍କୀୟ, ଆତ୍ମୀୟ ସ୍ୱଜନମାନଙ୍କ ଅପେକ୍ଷା ଅନ୍ୟମାନଙ୍କର ଚିକିତ୍ସା କରୁଥିଲା ଏବଂ ସେମାନଙ୍କୁ ଆଗ ସାହାଯ୍ୟ କରୁଥିଲେ । ରୋଗୀମାନଙ୍କ ସହିତ ହସି ହସି କଥାବାର୍ତ୍ତା ହେଉଥିଲେ । ଅଭାବି, ଦରିଦ୍ର ରୋଗୀମାନଙ୍କ ଠାରୁ ଭାଇ ଟଙ୍କା ନେଉ ନଥିଲେ । ସେମାନଙ୍କୁ ମାଗଣା ଔଷଧ ମଧ୍ୟ ଦେଉଥିଲେ ଏବଂ ଯଦି କୌଣସି ବ୍ୟକ୍ତି କିମ୍ବା ରୋଗୀକୁ ହସ୍ପିଟାଲରେ ଭର୍ତ୍ତି କରିବାର ଆବଶ୍ୟକତା ପଡୁଥିଲା ତେବେ ସେପରିପ୍ରେକ୍ଷୀରେ ମଧ୍ୟ ଭାଇ ସେମାନଙ୍କୁ ସାହାଯ୍ୟ କରୁଥିଲେ । ସ୍ୱର୍ଗତ ଭାଇ ମହୋଦୟ ଅଭାବି ତଥା ଦୀନ ଦରିଦ୍ର ବ୍ୟକ୍ତିମାନଙ୍କର ଅସ୍ତ୍ରୋପଚାର ସମୟରେ ନିଜର ବେତନରୁ ଅସ୍ତ୍ରୋପଚାରର ଦେୟକୁ ମଧ୍ୟ ଛାଡ଼ି ଦେଉଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ମନ୍‌ସୁର୍ ଶବୁତୀଙ୍କ ଭାଇ ନାସିର୍ ଶବୁତୀ ସାହେବ ପୁନଶ୍ଚ କୁହନ୍ତି ଯେ, ଆମର ପଡ଼ୋଶୀମାନଙ୍କ ମଧ୍ୟରୁ ଯେତେବେଳେ ବି କୌଣସି ବ୍ୟକ୍ତି ଅସୁସ୍ଥ ହେଉଥିଲା ସେତେବେଳେ ପଡ଼ୋଶୀମାନେ ଭାଇଙ୍କ ପାଖରେ ଚିକିତ୍ସା ହେବା ନିମନ୍ତେ ଆସୁଥିଲେ । ଯେତେବେଳେ ଭାଇ ସନ୍‌ଆ ସହରକୁ ଚାଲିଗଲେ ସେତେବେଳେ ପଡ଼ୋଶୀମାନେ ନିରାଶ ହୋଇଗଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ମନ୍‌ସୁର୍ ଶବୁତୀ ସାହେବ ଅଭିଭାବକମାନଙ୍କ ସହିତ ମଧ୍ୟ ଉତ୍ତମ ଆଚରଣ ପ୍ରଦର୍ଶନ କରୁଥିଲେ । ଅଭିଭାବକମାନଙ୍କୁ ହଜ୍ ମଧ୍ୟ କରାଇଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ଡାକ୍ତର ମନ୍‌ସୁର୍ ଶବୁତୀ ସାହେବଙ୍କ ମାତାଶ୍ରୀ ଶାହରୁଖ୍ ନସ୍ରୀନ୍ ସାହେବା କୁହନ୍ତି ଯେ, ଯେତେବେଳେ ମୁଁ ଗର୍ଭବତୀ ଥିଲି ସେତେବେଳେ ମୁଁ ସ୍ୱପ୍ନରେ ଦେଖିଥିଲି ଯେ, ରବ୍‌ୱାର ଜଣେ ପୁଣ୍ୟବାନ୍ ମହିଳା ଯାହାଙ୍କର ନାମ ଜୈନବ୍ ଥିଲା ସେ ମୋ ମାଙ୍କୁ କୋଳରେ ଉଠାଇ କୁହନ୍ତି ଯେ, ହେଇ ଦେଖ ଦେଖ ମସିହ୍ ମଉଦ୍ ଅ.ସ ଆସୁଛନ୍ତି । ମୁଁ ହୁଜୁର ଅ.ସଙ୍କ ସନ୍ଧାନରେ ଏଣେତେଣେ ଦେଖୁଛି । କିନ୍ତୁ କେହି ଦେଖାଯାଉ ନାହାନ୍ତି । ଏତଦ୍‌ପରେ ମୋର ଆଖି ଫିଟିଗଲା । ଡାକ୍ତର ସାହେବଙ୍କୁ ପିଲାଟି ଦିନରୁ ତବ୍‌ଲିଗ୍ କରିବାର ଅଭିରୁଚି ରହିଥିଲା । ବିଦ୍ୟାଳୟରେ ଦିନିୟାତ୍ (ଧର୍ମ) ବିଷୟରେ ଅଧ୍ୟାପକଙ୍କୁ ଅହମଦିୟତ୍‌ର ତବ୍‌ଲିଗ୍ କରୁଥିଲେ । ଶିକ୍ଷକ ମଧ୍ୟ ବିନା କୌଣସି ବିରୋଧ କରି ଡାକ୍ତର ମନ୍‌ସୁର ଶବୁତୀ ସାହେବଙ୍କ କଥା ଶୁଣୁଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ଡାକ୍ତର ମନ୍‌ସୁର୍ ଶବୁତୀ ସାହେବଙ୍କ ଗୋଟିଏ ପୁତ୍ର ଐମନ୍ ଶବୁତୀ ସାହେବ ଜର୍ମାନୀରେ ବାସ କରନ୍ତି । ସେ କୁହନ୍ତି ଯେ, ପିତାଶ୍ରୀ ମୋତେ କେବି ବି ପାଟି କରି ନାହାନ୍ତି କି ମୋତେ କେବେ ବି ମାଡ ମାରି ନାହାନ୍ତି । କେବଳ ଥରେ ମୋତେ ବାଡ଼େଇଥିଲେ । ମୁଁ ଯେତେବେଳେ 13 ବର୍ଷ ବୟସର ହୋଇଥିଲି ଏବଂ ବାଜମାଅତ୍ ନମାଜ୍ ପାଠ କରିବାକୁ ଅସ୍ୱୀକାର କରି ଦେଇଥିଲି ସେତେବେଳେ ପିତାଶ୍ରୀ ମୋତେ ବାଡ଼େଇଥିଲେ । ଅତଏବ୍ ଏହି କାରଣରୁ ମୁଁ ଟିକେ ମାଡ଼ ଖାଇଥିଲି । ଏହାକୁ ଛାଡ଼ିଦେଲେ ମୁଁ ଆଉ କେବେ ମାଡ଼ ଖାଇ ନାହିଁ। ସେ କୁହନ୍ତି ଯେ, ପିତାଶ୍ରୀ ସର୍ବଦା ମୋତେ କଷ୍ଟ ସମୟରେ ଦୁଆ କରିବା ନିମନ୍ତେ ଅନୁପ୍ରାଣିତ କରୁଥିଲେ ଏବଂ ସ୍ୱୟଂ ମଧ୍ୟ କାର୍ଯ୍ୟାନୁସରଣ କରୁଥିଲେ । ମୁଁ ପିତାଶ୍ରୀଙ୍କୁ ସର୍ବଦା ସଜ୍‌ଦାରେ କାନ୍ଦୁଥିବାର ଦେଖିଛି । ମୁଁ ଯେତେବେଳେ ବିଦ୍ୟାଳୟରେ ପାଠ ପଢୁଥିଲି ସେତେବେଳେ ପିତାଶ୍ରୀ ଆମମାନଙ୍କୁ ନମାଜେ ଫଜର୍ ନିମନ୍ତେ ନିଦରୁ ଉଠାଉଥିଲେ । ପିତାଶ୍ରୀ ବାଜମାଅତ୍ (ସାମୂହିକ ନମାଜ) ପାଠ କରୁଥିଲେ । ଏତଦ୍‌ପରେ ଆପଣ ତିଲାୱତ୍ କରୁଥିଲେ । ପିତାଶ୍ରୀ ସର୍ଜରୀ (ଶଲ୍ୟ ଚିକିତ୍ସାରେ) ପି.ଏଚ.ଡ଼ି ଲାଭ କରିଥିଲେ । ଉଚ୍ଚ ଶିକ୍ଷା ନିମନ୍ତେ ସେ ଉର୍ଦ୍ଦନ୍ ଯାଇଥିଲେ । ସେଠାରେ ପିତାଶ୍ରୀ ପାଞ୍ଚ ବର୍ଷ କାଳ ରହିଥିଲେ । ମୁଁ ମଧ୍ୟ ପିତାଶ୍ରୀଙ୍କ ପାଖରେ ସେଠାକୁ ଯାଇଥିଲି । ମୁଁ ଯେତେବେଳେ ସେଠାକୁ ଗଲି ସେତେବେଳେ ଯେଉଁ ମସ୍‌ଜିଦ୍ ବା ଯେଉଁ ନମାଜ୍ ସେଣ୍ଟର ରହିଥିଲା, ଯେଉଁଠି ନମାଜ ଜୁମା ପାଠ କରାଯାଉଥିଲା ସେହି ସେଣ୍ଟରଟି ଏକ ଘଣ୍ଟା ଦୂରତାରେ ରହିଥିଲା । ପିତାଶ୍ରୀ ପ୍ରତ୍ୟେକ ଶୁକ୍ରବାର ଦିନ ସେଠାକୁ ଯାତ୍ରା କରି ଯାଉଥିଲେ । ପିତାଶ୍ରୀଙ୍କୁ ପୁସ୍ତକ ଅଧ୍ୟୟନ କରିବାର ବେଶ ଆଗ୍ରହ ରହିଥିଲା ଓ ଶୌକ୍ **(ଅବଶିଷ୍ଟାଂଶ...ପୃ-12ରେ)**

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ
(ଅତ୍ ତୌବା :119)

**ଅନୁବାଦ:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Mianjan Khan, Jamat Ahmadiya Nargaon, Dist- Cuttack, (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2023-2025 Vol. 10 Thursday- 23-30 October 2025 Issue No. 43-44

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

## ପୃ-11ରେ ବର୍ଣ୍ଣିତ ଖୁତ୍‌ବା ଜୁମାର 09-02-2024 ଅବଶିଷ୍ଟାଂଶ....

ରହିଥିଲା । ପିତାଶ୍ରୀ ଜମାଅତ୍‌ର ପୁସ୍ତକକୁ ବହୁଳ ରୂପେ ପାଠ କରୁଥିଲେ । ପିତାଶ୍ରୀ ଯେତେବେଳେ ଅର୍ଦ୍ଦନ୍‌ରୁ ଫେରିଲେ ସେତେବେଳେ ପିତାଶ୍ରୀଙ୍କ ବ୍ୟାଗ୍ ବହୁତ ଓଜନ ଥିଲା । ମୁଁ ଭାବିଲି ଯେ, ପିତାଶ୍ରୀ ବ୍ୟାଗ୍‌ରେ ବହୁତ ଉପହାର ଆଣିଛନ୍ତି । ଛୋଟ ପିଲାମାନଙ୍କୁ ଉପହାରର ଏହି ଆଶା ରହିଥାଏ ଯେ, ସେମାନଙ୍କର ମାତାପିତାମାନେ ଯେତେବେଳେ ବାହାରୁ ଆସିବେ ସେତେବେଳେ ସେମାନେ ନିଜର ସନ୍ତାନମାନଙ୍କ ପାଇଁ କିଛି ନା କିଛି ଉପହାର ଆଣିଥିବେ । ସୁତରାଂ ମୁଁ ମଧ୍ୟ ଏହା ଭାବିଲି ଯେ, ପିତାଶ୍ରୀ ଆମ ପାଇଁ ଉପହାର ଆଣିଥିବେ । କିନ୍ତୁ ମୁଁ ଯେତେବେଳେ ଦେଖିଲି ଯେ, ପିତାଶ୍ରୀଙ୍କ ବ୍ୟାଗ୍‌ରେ ଉପହାର ତ' ନଥିଲା । ତଫ୍‌ସିର୍ କବିର୍‌ର ଆରବୀ ଭାଷାରେ ଅନୁବାଦ ହୋଇଥିବା ପୁସ୍ତକ ଏବଂ ଆଉ କେତେକ ଜମାଅତୀୟ ପୁସ୍ତକ ମଧ୍ୟ ରହିଥିଲା।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ମନ୍‌ସୁର୍ ଶବୁତୀ ସାହେବ ସଂପର୍କୀୟ ଏବଂ ଅଣଅହମଦିମାନଙ୍କୁ ସାକ୍ଷାତ୍ କରିବା ନିମନ୍ତେ ଯାଉଥିଲେ । ପିତାଶ୍ରୀ ଯେତେବେଳେ ଅଣଅହମଦି ଏବଂ ଅହମଦି ସଂପର୍କୀୟମାନଙ୍କ ପାଖକୁ ଯାଉଥିଲେ ସେତେବେଳେ ପିତାଶ୍ରୀ ମୋର ମାତାଶ୍ରୀଙ୍କୁ ଏବଂ ମୋତେ ମଧ୍ୟ ନିଜ ସାଙ୍ଗରେ ନେଇ ଯାଉଥିଲେ । ମୁଁ ଯେତେବେଳେ ପିତାଶ୍ରୀଙ୍କୁ ପଚାରୁଥିଲି ଯେ, ପିତାଶ୍ରୀ ଅଣଅହମଦିମାନଙ୍କୁ ଭେଟିବା ତଥା ଦେଖା ସାକ୍ଷାତ୍ କରିବା କାହିଁକି ଜରୁରୀ ଅଟେ ? ପ୍ରତ୍ୟୁତ୍ତରରେ ପିତାଶ୍ରୀ କହୁଥିଲେ ଯେ, ପୁତ୍ର ! ଆଁହଜରତ ସ.ଅ ସଂପର୍କୀୟମାନଙ୍କ ସହିତ ସଂପର୍କ ସ୍ଥାପନ ଓ ଦୟା ପ୍ରଦର୍ଶନ କରିବାକୁ ଆଦେଶ ଦେଇଛନ୍ତି । ଯଦି ସହୋଦର ସଂପର୍କୀୟମାନଙ୍କ ସହିତ ସଂପର୍କ ନରଖିବୁ ତେବେ ଏହା ଦ୍ୱାରା ଅଲ୍ଲାଃତାଲା ରୁଷ୍ଟ ହୋଇଯିବେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ଶ୍ରୀମତି ମୁରୱା ଶବୁତୀ ସାହେବା କୁହନ୍ତି ଯେ, ସ୍ୱର୍ଗତ ଡାକ୍ତର ମନ୍‌ସୁର୍ ଶବୁତୀ ସାହେବ ସର୍ବଦା ହସିଲାବାଲା, ପ୍ରେମ କଲାବାଲା, ସାହାଯ୍ୟକାରୀ, ଶିଷ୍ଟ, ସଭ୍ୟ, ଦୟାବାନ୍ ଓ ଅତ୍ୟନ୍ତ ବୁଦ୍ଧିମାନ୍ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଆପଣ ପାଠରେ ସର୍ବଦା ଅନନ୍ୟ ସ୍ଥାନ ଅଧିକାର କରିଥିଲେ ଏବଂ ସମଗ୍ର ୟମନ୍ ଅଞ୍ଚଳରେ ଆପଣ ଜଣେ ବିଖ୍ୟାତ ଡାକ୍ତର ଥିଲେ । ଆପଣ ମାନବ ସେବା କରିବାରେ ମଧ୍ୟ ସ୍ୱତନ୍ତ୍ର ସ୍ଥାନ ଲାଭ କରିଥିଲେ । ଆପଣ ଉଭୟ ଅହମଦି ଓ ଅଣଅହମଦିମାନଙ୍କର ଅତି ପ୍ରିୟ ଡାକ୍ତର ଥିଲେ ।

(ଅବଶିଷ୍ଟାଂଶ .......ପରବର୍ତ୍ତୀ ସଂଖ୍ୟାରେ)

## ଏମ୍.ଟି.ଏ ଇଣ୍ଟରନ୍ୟାସନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ବିଶେଷ ଉପସ୍ଥାପନ "ଐତିହାସିକ କାର୍ଯ୍ୟକ୍ରମ"

ଜମାଅତ୍ ଅହମଦିୟାର ସ୍ୱର୍ଣ୍ଣିମ ଇତିହାସ ଉପରେ ଆଧାରିତ କାର୍ଯ୍ୟକ୍ରମ ! ଏମ୍.ଟି.ଏ ଇଣ୍ଟର୍‌ନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ବିଶେଷ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ଜମାଅତ୍ ଅହମଦିୟାର ଇତିହାସରେ ଘଟିଥିବା ମୁଖ୍ୟ ଘଟଣାବଳୀର ବିବରଣୀମାନ ଉପସ୍ଥାପିତ କରାଯାଇଛି । ଯେଉଁଠି ଉକ୍ତ ଘଟଣାବଳୀ ଘଟିଛି ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ସେହି ଐତିହାସିକ ସ୍ଥାନକୁ ସେନ୍ଦ୍ର କରି ଉକ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ତହିଁରେ ସଂକ୍ଷିପ୍ତ ଡକ୍ୟୁମେଣ୍ଟାରୀ (ପ୍ରାମାଣିକ ଭିଡ଼ିଓମାନ) ଇତ୍ୟାଦି ମଧ୍ୟ ଅନ୍ତର୍ଭୁକ୍ତ ରହିଛି । କାରଣ ଦର୍ଶକମାନେ ଏହା ଜାଣନ୍ତୁ ଯେ, ଏହି ସ୍ଥାନଗୁଡ଼ିକର ନାମ କ'ଣ, କେଉଁଠି ଏହି ସ୍ଥାନଗୁଡ଼ିକ ଅବସ୍ଥିତ ଅଟନ୍ତି? ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ । ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ ଚ୍ୟାନେଲରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି। ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ମୁତାବକ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୁଅନ୍ତୁ ଏବଂ ଜମାଅତ୍‌ର ଇତିହାସ ସହିତ ଅବଗତ ହୁଅନ୍ତୁ । ଏମ୍.ଟି.ଏର ଅଫିସିୟାଲ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍ | ଏମ୍.ଟି.ଏର ଅଫିସିୟାଲ୍ Whatsappp ଚ୍ୟାନେଲ୍

## ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ ଏକ ଅନନ୍ୟ ଉପସ୍ଥାପନ "ପୁସ୍ତକ ପରିଚୟ"

ରୁହାନୀ ଖଜାଏନ୍ ଏବଂ ଅନ୍‌ୱାରୁଲ୍ ଉଲୁମ୍‌ର ସାମଗ୍ରିକ ସମୀକ୍ଷା ଏମ୍.ଟି.ଏ ଇଣ୍ଟରନ୍ୟାସ୍‌ନଲ୍ ଇଣ୍ଡିୟା ଷ୍ଟୁଡ଼ିଓ ପକ୍ଷରୁ "**ପୁସ୍ତକ ପରିଚୟ**" ଉପରେ ଆଧାରିତ ଏକ ନୂତନ ତଥ୍ୟଭିତ୍ତିକ ସିରିଜ୍ ଉପସ୍ଥାପିତ କରାଯାଉଅଛି । ଯହିଁରେ ରୁହାନୀ ଖଜାଏନ୍, ଅନ୍‌ୱାରୁଲ୍ ଉଲୁମ ଗ୍ରନ୍ଥର ପୁସ୍ତକ ପରିଚୟ ଉପସ୍ଥାପିତ କରାଯାଇଥାଏ। ଏହି କାର୍ଯ୍ୟକ୍ରମଗୁଡ଼ିକ ମୁଖ୍ୟତଃ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ନିମନ୍ତେ ଜ୍ଞାନଭିତ୍ତିକ, ଆଧ୍ୟାତ୍ମିକ ଓ ସାଂସ୍କାରିକ ଦୃଷ୍ଟିରୁ ଅତ୍ୟନ୍ତ ଉପାଦେୟ ଅଟନ୍ତି । ଉକ୍ତ କାର୍ଯ୍ୟକ୍ରମ ସାହାଯ୍ୟରେ ପୁସ୍ତକଗୁଡ଼ିକୁ ବୁଝିବାରେ ବେଶ୍ ସହାୟକ ଏବଂ ପୁସ୍ତକ ଅଧ୍ୟୟନ କରିବା ପ୍ରତି ସଦସ୍ୟବୃନ୍ଦଙ୍କ ମଧ୍ୟରେ ଆଗ୍ରହ ତଥା ରୁଚି ସୃଷ୍ଟି ହୋଇଥାଏ । ତେଣୁ ଉକ୍ତ କାର୍ଯ୍ୟକ୍ରମ ବେଳେବେଳେ ଏମ୍.ଟି.ଏରେ ପ୍ରସାରଣ କରାଯାଇଥାଏ ଏବଂ ତତ୍‌ସହିତ ଏମ୍.ଟି.ଏ ଭାରତର ୟୁଟ୍ୟୁବ୍ ଚ୍ୟାନେଲ୍ (MTA International India Studios) ରେ ମଧ୍ୟ ଏହି କାର୍ଯ୍ୟକ୍ରମ ଉପଲବ୍ଧ ରହିଛି । ତେଣୁ ଜମାଅତ୍‌ର ସଦସ୍ୟବୃନ୍ଦ ନିଜର ସୁବିଧା ଅନୁଯାୟୀ ଏହି କାର୍ଯ୍ୟକ୍ରମଗୁଡ଼ିକରୁ ଉପକୃତ ହୋଇପାରିବେ । ଏମ୍.ଟି.ଏର ଅଫିସିୟାଲ୍ ୟୁଟ୍ୟୁବ୍ ଚ୍ୟାନେଲ୍‌କୁ ସବସ୍କ୍ରାଇବ କରନ୍ତୁ ଓ ହ୍ୱାଟସ୍ ଅପ୍ ଚ୍ୟାନେଲ୍‌କୁ ଫଲୋ କରନ୍ତୁ । କାରଣ ଆପଣମାନଙ୍କୁ ପ୍ରତ୍ୟେକ ନୂତନ କାର୍ଯ୍ୟକ୍ରମ ସଂପର୍କରେ ଯଥା ସମୟରେ ସୂଚନା ମିଳିପାରିବ ।

ଏମ୍.ଟି.ଏର ଅଫିସିୟାଲ୍ Youtube ଚ୍ୟାନେଲ୍ | ଏମ୍.ଟି.ଏର ଅଫିସିୟାଲ୍ Whatsappp ଚ୍ୟାନେଲ୍

## 2025 ମସିହାରେ ଅନୁଷ୍ଠିତ ହେବାକୁ ଥିବା ଜୈଲି ତନ୍‌ଜିମାତ୍ (ଜମାଅତ୍ ଅଧୀନସ୍ଥ ଗୋଷ୍ଠୀ ଯଥା ଖୁଦାମ୍, ଅନ୍‌ସାର୍ ଓ ଲଜ୍‌ନା ଇମାଇଲ୍ଲାଃ)ଙ୍କର ବାର୍ଷିକ ଇଜ୍‌ତିମା

ଚଳିତ ବର୍ଷ ସୟେଦିନା ହୁଜୁର ଅନ୍‌ୱର୍ ଅ.ବ ତିନି ଅଧୀନସ୍ଥ ଗୋଷ୍ଠୀ ଯଥା- ମଜ୍‌ଲିସ୍ ଖୁଦାମୁଲ୍ ଅହମଦିୟା ଭାରତ, ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ ଭାରତ ଓ ମଜ୍‌ଲିସ୍ ଲଜ୍‌ନା ଇମାଇଲ୍ଲାଃ ଭାରତଙ୍କ କାଦିୟାନ୍ ଦାରୁଲ୍ ଅମାନ୍ ଠାରେ ବାର୍ଷିକ ମର୍କଜି ଇଜ୍‌ତିମା ନିମନ୍ତେ ପ୍ରଦତ୍ତ 2025 ମସିହା ଅକ୍ଟୋବର ମାସ 24, 25, 26 ତାରିଖ, ଶୁକ୍ରବାର, ଶନିବାର ଓ ରବିବାରର ତାରିଖ ଦୟାବସ୍ଥଳ ରୂପେ ଅନୁମୋଦନ କରି ସ୍ୱୀକୃତି ପ୍ରଦାନ କରିଛନ୍ତି । ଜମାଅତ୍‌ର ସଦସ୍ୟବୃନ୍ଦମାନଙ୍କୁ ଅନୁରୋଧ କି ସେମାନେ ଉପରୋକ୍ତ ତାରିଖ ଅନୁଯାୟୀ ଇଜ୍‌ତିମାରେ ସାମିଲ୍ ହେବା ନିମନ୍ତେ ଯଥାସମ୍ଭବ ଉଦ୍ୟମ କରନ୍ତୁ । **(ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହମଦିୟା)**

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** أَلَيْسَ اللّٰهُ بِكَافٍ عَبْدَهٗ

(ଅଲ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

**(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫକତା ଫି ସବିଲିଲ୍ଲାଃହି )**

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan